ସାଧାରଣ ଲୋକଙ୍କ ଖବରକାଗଜ
# ପର୍ଯ୍ୟବେକ୍ଷକ 25
PARYABEKHYAK
ପର୍ଯ୍ୟବେକ୍ଷକ
Vol.26 . No.273 Bhubaneswar Thursday December 14 2023 | ୨୬ତମ ବର୍ଷ ସଂଖ୍ୟା-୨୭୩ ଭୁବନେଶ୍ୱର, ଗୁରୁବାର, ଡିସେମ୍ବର ୧୪, ୨୦୨୩ | (୮ ପୃଷ୍ଠା) | ମୂଲ୍ୟ-୧.୫୦ ₹1.50 | (Air Surcharge - 0.50P) | Member-INS

# ୪ ନୁହେଁ, ସଂସଦ ଅନୁପ୍ରବେଶ ଘଟଣାରେ ୬ ସାମିଲ: ଗୁରୁଗ୍ରାମରେ ହୋଇଥିଲା ପୂରା ଯୋଜନା

ଭୁବନେଶ୍ୱର,୧୩।୧୨(ପି.ଏନ): ଗଣତନ୍ତ୍ରର ମନ୍ଦିର ସଂସଦର ସୁରକ୍ଷା ବ୍ୟବସ୍ଥାରେ ସାଂଘାତିକ ତ୍ରୁଟି ଦେଖିବାକୁ ମିଳିଛି। ୨ ଜଣ ଯୁବକ ଲୋକସଭା ଭିତରେ ଅନୁପ୍ରବେଶ କରି ହଙ୍ଗା କରିଥିବା ବେଳେ ଆଉ ଜଣେ ମହିଳା ଓ ଯୁବକ ବାହାରେ ବିକ୍ଷୋଭ କରିଥିଲେ।କଡା ସୁରକ୍ଷାବଳୟ ସତ୍ତ୍ୱେ ଏମାନେ ସଂସଦ ପରିସରରେ ପ୍ରବେଶ କରିଥିବାରୁ, ଏହାକୁ ନେଇ ହଇଚ଼ଇ ସୃଷ୍ଟି ହୋଇଛି। ସେହିପରି ଏହି ଘଟଣାରେ ୪ ଜଣଙ୍କୁ ଗିରଫ ମଧ୍ୟ କରାଯାଇଛି।







## କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟ ଗଣିତ ବିଭାଗ ମୁଖ୍ୟଙ୍କୁ ମାମଲା ପ୍ରତ୍ୟାହାର ପାଇଁ ଅଣଛାତ୍ରଙ୍କ ଧମକ

କେନ୍ଦ୍ରାପଡ଼ା, ୧୩।୧୨(ପି.ଏନ) : କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟର ଗଣିତ ବିଭାଗ ମୁଖ୍ୟ ପ୍ରଫେସର ଅଶୋକ କୁମାର ମିଶ୍ରଙ୍କୁ କଲେଜ ପରିସରରେ ଥିବା ବିଭାଗ କାର୍ଯ୍ୟାଳୟରେ କେତେକ ଅଣଛାତ୍ର ପଶି କଲେଜ ଅଧ୍ୟକ୍ଷ ନିଯୁକ୍ତି ସଂକ୍ରାନ୍ତୀୟ ହାଇକୋର୍ଟରେ ବିଚାରାଧୀନ ଥିବା ମାମଲାକୁ ତୁରନ୍ତ ପ୍ରତ୍ୟାହାର କରିନେବାକୁ ଧମକ ଦେଇଥିବା ଅଭିଯୋଗ ହୋଇଛି। ଏସମ୍ପର୍କରେ ସଂପୃକ୍ତ ବିଭାଗୀୟ ମୁଖ୍ୟ ପ୍ରଫେସର ମିଶ୍ର ବର୍ତ୍ତମାନର ଭାରପ୍ରାପ୍ତ କଲେଜ ଅଧ୍ୟକ୍ଷ ଅଶୋକ କୁମାର ଦାସଙ୍କୁ ଲିଖିତ ଭାବେ ସମସ୍ତ ଘଟଣା ଜଣାଇଥିଲେ ମଧ୍ୟ ଭାରପ୍ରାପ୍ତ ଅଧ୍ୟକ୍ଷ ଶ୍ରୀ ଦାସ ସେ ସମ୍ପର୍କରେ କୌଣସି ପଦକ୍ଷେପ ଗ୍ରହଣ କରିନଥିବା ପ୍ରଫେସର ମିଶ୍ର କହିଛନ୍ତି। ଘଟଣା ଅନୁଯାୟୀ ଗତ ଶନିବାର ପୂର୍ବାହ୍ନ ପ୍ରାୟ ୧୧ଟା ବେଳେ ପ୍ରଫେସର ମିଶ୍ର ମହାବିଦ୍ୟାଳୟ ପରିସରରେ ଥିବା ଗଣିତ ବିଭାଗ କାର୍ଯ୍ୟାଳୟରେ କାର୍ଯ୍ୟରତ ଥିବା ବେଳେ ହଠାତ୍ ୫/୭ଜଣ ଅଣଛାତ୍ର ବିଭାଗ କାର୍ଯ୍ୟାଳୟ ଭିତରେ ପଶି ପ୍ରଫେସର ମିଶ୍ରଙ୍କୁ ବାହାରକୁ ଡାକିଥିଲେ। ପ୍ରଫେସର ମିଶ୍ର ସେହି ସମୟରେ କ୍ଲାସ ନେବାକୁ ଶ୍ରେଣୀକକ୍ଷକୁ ଯିବାର ଥିବାରୁ ସେ କାର୍ଯ୍ୟାଳୟ ବାହାରକୁ ଯିବାକୁ ମନାକରିଦେଇଥିଲେ।

## ମୋଦିଙ୍କ ଯୋଜନା ଘରେ ଘରେ ପହଂଚାଓ:ଗୋଲଖ ମହାପାତ୍ର



ଅନୁଗୁଳ, ୧୩।୧୨(ପି.ଏନ): ଅନୁଗୁଳ ଜିଲ୍ଲା ବିଜେପି ର ସାଙ୍ଗଠନିକ କର୍ମଶାଳା ଜିଲ୍ଲା ସଭାପତି ଡିଲେଶ୍ୱର ପ୍ରଧାନ ଙ୍କ ଅଧକ୍ଷତାରେ ଜିଲ୍ଲା କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ବିଜେପି ଉପ ସଭାପତି ତଥା ବରିଷ୍ଠ ପ୍ରବକ୍ତା ଗୋଲଖ ମହାପାତ୍ର ଉକ୍ତ କର୍ମଶାଳାରେ ଯୋଗଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଙ୍କୁ ଓଡ଼ିଶାରେ ୯୨ ପ୍ରତିଶତ ଲୋକ ପସନ୍ଦ କରୁଛନ୍ତି। ପ୍ରଧାନମନ୍ତ୍ରୀ ଆଜି ଦେଶ ନୁହେଁ ସମଗ୍ର ବିଶ୍ୱର ଅଦ୍ୱିତୀୟ ନେତା ଭାବେ ପରିଗଣିତ ହୋଇଛନ୍ତି।ମୋଦି ଓଡିଶାକୁ ଗରିବ କଲ୍ୟାଣ ର ପ୍ରୟୋଗ ଶାଳା କରିଛନ୍ତି, ମୋଦି ଙ୍କ ଯୋଜନାରେ ଓଡିଶା ସବୁଠୁ ବେଶି ଲାଭର୍ଣ୍ଣିତ ବୋଲି ସେ କହିଛନ୍ତି।ଅନୁଗୁଳ ଜିଲ୍ଲା ରେ ମୋଦି ସରକାର ଆସିବା ପରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ପ୍ରୟାସ ରେ ୯ ବର୍ଷ ମଧ୍ୟରେ ୬୦ ହଜାର କୋଟି ଟଙ୍କା ରୁ ଉର୍ଦ୍ଧ୍ୱ ଅନୁଦାନ ଦିଆଯାଇଛି।କିନ୍ତୁ ୨୩ ବର୍ଷର ଅପାରଗ ସରକାର ଆଜି ବିକାଶ କ୍ଷେତ୍ରରେ ବାଧକ ସାଜୁଛି ,ମୋଦି ଙ୍କ ଯୋଜନା କୁ ଠିକ ଭାବେ କ୍ରିୟାନ୍ୱୟନ କରୁନାହିଁ ବୋଲି ସେ କହିଛନ୍ତି।ବିଜେପି କାର୍ଯ୍ୟକର୍ତା ମାନେ ଘର ଘର ବୁଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସରକାର ର ତଥା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଙ୍କର ଅନୁଗୁଳ ଜିଲ୍ଲା ପାଇଁ ବିକାଶ ମୂଳକ କାର୍ଯ୍ୟ କୁ ଘରେ ଘରେ ପହଞ୍ଚାଇବା ପାଇଁ ସେ କାର୍ଯ୍ୟକର୍ତା ମାନଙ୍କୁ ଆହ୍ୱାନ ଦେଇଥିଲେ।ବିଜେପି ସଂଗଠନ କୁ ବୁଥ ସ୍ତରରୁ ମଜବୁତ କରିବାକୁ ପରାମର୍ଶ ଦେଇଥିଲେ।ଉକ୍ତ କାର୍ଯ୍ୟକ୍ରମରେ ପ୍ରାକ୍ତନ ସାଂସଦ ରୁଦ୍ର ନାରାୟଣ ପାଣି ଯୋଗଦେଇ ସାଙ୍ଗଠନିକ ଆଲୋଚନା କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଲୋକସଭା ସଂଯୋଜକ ପ୍ରେମାନନ୍ଦ ଜେନା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଶୋକ ମହାନ୍ତି,ପ୍ରତାପ ଚନ୍ଦ୍ର ପ୍ରଧାନ, ଓ ପ୍ରତିମା ମିଶ୍ର, ପ୍ରମୁଖ ଆଗାମୀ ଦିନରେ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ।ଅନୁଗୁଳ ଜିଲ୍ଲାର ସମସ୍ତ ୫ ଟି ବିଧାନସଭା ର ସଂଯୋଜକ, ପ୍ରଭାରୀ, ବିସ୍ତାରକ, ମଣ୍ଡଳ ପ୍ରଭାରୀ ଓ ଜିଲ୍ଲା କାର୍ଯ୍ୟ କାରିଣୀ ସଦସ୍ୟ ,ମୋର୍ଚ୍ଚା ସଭାପତି ମାନେ ଯୋଗ ଦେଇଥିଲେ।ଅନୁଗୁଳ ନିର୍ବାଚନ ମଣ୍ଡଳୀ ରୁ କଂଗ୍ରେସ ଓ ବିଜେଡ଼ି ଛାଡି ବହୁ କାର୍ଯ୍ୟକର୍ତା ବିଜେପି ରେ ଯୋଗ ଦେଇଥିଲେ।

## ସଂସଦରେ ଅନୁପ୍ରବେଶ: କ'ଣ କରୁଥିଲେ ରାହୁଲ ଗାନ୍ଧି ?

ଭୁବନେଶ୍ବର,୧୩।୧୨(ପିଏନ):ସଂସଦରେ ଆଜି ହୋଇଥିବା ଅନୁପ୍ରବେଶ ଘଟଣାକୁ ନେଇ ଚ଼ର୍ଚ୍ଚା ଜାରି ରହିଛି। ଲୋକସଭା ଚ଼୍ୟାମ୍ବରକୁ ଦୁଇ ଜଣ ଯୁବକ ଡିଆଁ ମାରି ବେଶ କିଛି ସମୟ ହଙ୍ଗାମା କରିଥିଲେ। ଗୃହ କାର୍ଯ୍ୟ ଚ଼ାଲିଥିବା ବେଳେ ସାଗର ଶର୍ମା ଓ ମନୋରଞ୍ଜନ ଡି ଚ଼୍ୟାମ୍ବର ଭିତରେ ପଶିଥିଲେ।ସେମାନେ ହଳଦିଆ ଧୂଆଁ ମାଡ କରିଥିଲେ। ଏହାକୁ ନେଇ ହଇଚ଼ଇ ସୃଷ୍ଟି ହୋଇଥିବା ବେଳେ ଘଟଣା ବେଳେ ଲୋକସଭାରେ ଉପସ୍ଥିତ ଥିଲେ କଂଗ୍ରେସ ସାଂସଦ ରାହୁଲ ଗାନ୍ଧି।



ହଙ୍ଗାମା ଦେଖି କିଛି ସାଂସଦ ବାହରକୁ ଦୌଡି ଚ଼ାଲି ଯାଇଥିବା ବେଳେ ଆଉ କିଛ ଅନୁପ୍ରବେଶ କରଥିବା ସାଗର ଶର୍ମାଙ୍କୁ କାବୁ କରିବାରେ ଲାଗିଥିଲେ।

## ଫେବୃଆରୀ ୨୦ରୁ ମାର୍ଚ୍ଚ ୪ ମାଟ୍ରିକ ପରୀକ୍ଷା, ଜାଣନ୍ତୁ କେଉଁ ଦିନ କ'ଣ ଅଛି

ଭୁବନେଶ୍ୱର,୧୩।୧୨(ପି.ଏନ): ଆସନ୍ତାବର୍ଷ ଫେବ୍ରୁଆରୀ ୨୦ରୁ ମାର୍ଚ୍ଚ ୪ ପର୍ଯ୍ୟନ୍ତ ହେବ ମାଟ୍ରିକ ପରୀକ୍ଷା। ସେଥିପାଇଁ ପ୍ରକାଶ ପାଇଛି ପରୀକ୍ଷା ସୂଚ଼ୀ। ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ଏନେଇ ବୋର୍ଡ କର୍ତ୍ତୃପକ୍ଷ ସୂଚ଼ନା ଦେଇଛନ୍ତି। ୨୦ରେ ଓଡିଆ ପରୀକ୍ଷା ଥିବା ବେଳେ ୨୩ରେ ଇଂରାଜୀ, ୨୬ରେ ଗଣିତ, ୨୮ରେ ହିନ୍ଦୀ/ସଂସ୍କୃତ, ମାର୍ଚ୍ଚ ୨ରେ ବିଜ୍ଞାନ ଓ ୪ରେ ସାମାଜିକ ବିଜ୍ଞାନ ପରୀକ୍ଷା ଅନୁଷ୍ଠିତ ହେବ।ମୋଟ ୨୯୯୧ଟି କେନ୍ଦ୍ରରେ ପରୀକ୍ଷା ଦେବେ ୫ ଲକ୍ଷ ୫୧ ହଜାର ୬୧୧ ପିଲା। ମାର୍ଚ୍ଚ ୧୫ ତାରିଖରୁ ଖାତା ଦେଖା ଆରମ୍ଭ ହେବ ବୋଲି



ବୋର୍ଡ ସଭାପତି ସୂଚ଼ନା ଦେଇଛନ୍ତି। ଏଥର ମାଟ୍ରିକ ପରୀକ୍ଷାକୁ ମନିଟରିଂ କରିବ ଇଓ କ୍ୟାମେରା। ଷ୍ଟ୍ରଙ୍ଗରୁମ୍ , ଉରଙ୍ଗ ଅଫିସ ଓ ପରୀକ୍ଷା ହଲରେ ଲାଗିବ ଇଓ କ୍ୟାମେରା। ଇଓ କ୍ୟାମେରା ଅପରେଟିଂ ପାଇଁ କମାଣ୍ଡ ରୁମରେ ୭/୮ ଜଣ ରହିବେ। କିଛି ତ୍ରୁଟି ପରିଲକ୍ଷିତ ହେଲେ କମାଣ୍ଡ ରୁମ୍ ?କୁ ଜଣାଇବ ଇଓ କ୍ୟାମେରା। ପ୍ରେସମିଟ୍‌ରେ ମାଧ୍ୟମିକ ଶିକ୍ଷା ପରିଷଦ ବା ବୋର୍ଡ କର୍ତ୍ତୃପକ୍ଷ ଏହି ସୂଚ଼ନା ଦେଇଛନ୍ତି।

## ଧୂଆଁ ଆକ୍ରମଣ: ବଦଳିଲା ସଂସଦର ସୁରକ୍ଷା ବ୍ୟବସ୍ଥା

ଭୁବନେଶ୍ୱର,୧୩।୧୨(ପି.ଏନ): ବୁଧବାର ସଂସଦର ସୁରକ୍ଷାରେ ସାଂଘାତିକ ତ୍ରୁଟି ପୂରା ଦେଶକୁ ଆଚ଼ମ୍ବିତ କରି ଦେଇଛି। ଦୁଇ ଜଣ ଯୁବକ ଲୋକସଭା କାର୍ଯ୍ୟ ଚ଼ାଲିଥିବା ବେଳେ ଗୃହର ମଧ୍ୟ ଭାଗକୁ ଡେଇଁ ବେଶ କିଛି ସମୟ ହଙ୍ଗାମା କରିଥିଲେ।ସେମାନେ ହଳଦିଆ ରଙ୍ଗର ଧୂଆଁ ମାଡ କରିଥିଲେ। ପୂରା ଲୋକସଭା ଧୂଆଁ ମୟ ହୋଇଯାଇଥିଲା। ଏହି ସୁରକ୍ଷା ତ୍ରୁଟି ପରେ ଭିଜଟରଙ୍କ ପାଇଁ ସଂସଦ କମ୍ପ୍ଲେକ୍ସକୁ ବନ୍ଦ କରି ଦିଆଯାଇଛି। ଏହାର ଅର୍ଥ କୌଣସି ବାହାର ଲୋକଙ୍କୁ ସଂସଦରେ ପ୍ରବେଶ କରିବା ପାଇଁ ଏବେ ଆଉ ପାସ୍ ? ମିଳିବ ନାହିଁ। ଏଥିସହ ସଂସଦର ସୁରକ୍ଷା ନିୟମରେ ଏକାଧିକ ପରିବର୍ତ୍ତନ କରାଯାଇଛି।

## ସାମ୍ନାକୁ ଆସିଲା ନବଜାତ ପଛର କାହାଣୀ ! ଦୁଇ ଦିନର ନବଜାତକୁ ବୋରୱେଲ ଭିତରେ କାହିଁକି ଛାଡିଥିଲା ମାଆ...

ଭୁବନେଶ୍ୱର,୧୩।୧୨(ପି.ଏନ): ସମ୍ବଲପୁର ଜିଲ୍ଲା ରେଙ୍ଗାଲି ଥାନା ଅଞ୍ଚଳର ଲରିପାଲି ଜଙ୍ଗଲର ଏକ ପରିତ୍ୟକ୍ତ ନଳକୂପରୁ ଉଦ୍ଧାର ହୋଇଥିବା ନବଜାତକୁ ନେଇ ଏବେ ଚ଼ାରିଆଡ ? ଖୁବ୍ ଚ଼ର୍ଚ୍ଚା ହେବାରେ ଲାଗିଛି । ପାଖାପାଖି ୮ ଘଣ୍ଟାର ସଂଘର୍ଷ ପରେ ପୋଲିସ, ଓଡ୍ରାଫ ଓ ଅଗ୍ନିଶମ ବାହିନୀ ୨୫ ଫୁଟ ବୋରୱେଲ ଭିତରୁ ଶିଶୁଟିକୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲେ । ଉକ୍ତ ଶିଶୁଟି ଉଦ୍ଧାର ହେବା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଖୁସିବ୍ୟକ୍ତ କରିବା ସହ ତା'ର ଦୀର୍ଘଜୀବନ କାମନା କରିଥିଲେ ।ତେବେ ଏହି ଘଟଣା ପରେ ଏବେ ଅନେକ ପ୍ରଶ୍ନ ସାମ୍ନାକୁ ଆସିଛି । ଏହି ଶିଶୁଟିକୁ କିଏ ଓ କାହିଁକି ବୋରୱେଲ ଭିତରେ ପକାଇଥିଲା, ଶିଶୁକୁ ଏମିତି ଦୟନୀୟ ଭାବେ ପକାଇ ଦେଇ



ଚ଼ାଲିଯିବା ପଛରେ କାହାର କ'ଣ ଉଦ୍ଦେଶ୍ୟ ରହିଥିଲା ? ଗୋଟିଏ ମଣିଷ ଭୁଲ କରୁଛି, ମାତ୍ର ଗୋଟିଏ ସରଳ ନିଷ୍ପାପ ଶିଶୁ ତା'ର ଦଣ୍ଡ ପାଉଛି । ଏହି ଘଟଣା ପରେ ଲାଗୁଛି ସତେ ଯେମିତି ଆମ ସମାଜରୁ ମାନବିକତା ହଜିଯାଇଛି । ଏହି ଘଟଣା ଆମ ସମାଜ ପାଇଁ ଏକ ଲଜ୍ଜାଜନକ ଘଟଣା । ଏହାକୁ ଯେତେ ନିନ୍ଦା କଲେ ବି କମ୍ ହେବ ।ତେବେ ୬ ଇଞ୍ଚର ଲୁହା ପାଇପ୍ ଭିତରେ ଗୋଟିଏ ୨ ଦିନର ନବଜାତ ଶିଶୁ କେମିତି ବଞ୍ଚିପାରିଲା ତାହା ଏବେ ସଭିଙ୍କ ତାଜୁବ କରିଦେଇଛି । କିଛି ଅଦ୍ଭୁତ ଶକ୍ତି ଏହି ନିରୀହ ଶିଶୁକୁ ବଞ୍ଚାଇଥିବା ନେଇ ଏବେ ଲୋକମାନେ ଚ଼ର୍ଚ୍ଚା କରୁଛନ୍ତି । ପାଖାପାଖି ୨୫ ଫୁଟର ବୋରୱେଲ ଭିତରୁ ଶିଶୁର କ୍ରନ୍ଦନ ଶୁଣାଯିବା ପରେ ଉଦ୍ଧାରକାରୀ ଟିମଙ୍କ ମଧ୍ୟରେ ଶିଶୁଟିକୁ ବଞ୍ଚାଇବାର ଉତ୍ସାହ ଆହୁରି ବ ?ିଯାଇଥିଲା । ମାତ୍ର ଦୁଇଦିନ ତଳେ ଜଣେ ମାଆ ଉକ୍ତ ଶିଶିଟିକୁ ଜନ୍ମ ଦେଇଥିଲେ । ତେବେ ତାଙ୍କ ଗର୍ଭରୁ ପୁଅ ନୁହେଁ, ଝିଅ ଜନ୍ମ ନେଇଥିବାରୁ ଶିଶୁଟିକୁ ନେଇ ସେ ଜଙ୍ଗଲର ଏକ ବୋରୱେଲ ଭିତରେ ଫୋପାଡି ଦେଇଥିଲେ । ତେବେ ଘଞ୍ଚ ଜଙ୍ଗଲ ଭିତରେ ଗୋଟିଏ ଲୁହା ପାଇପ୍ ଭିତରେ ଗୋଟିଏ ୨ ଦିନର ଶିଶୁ ଜୀବିତ ରହିବା କୌଣସି ଐଶ୍ୱରୀୟ ଚ଼ମତ୍କାର ଠାରୁ କମ୍ ନୁହେଁ ।

## ନକ୍ସଲଙ୍କ ଆଇଇଡି ବିସ୍ଫୋରଣରେ ଜଣେ ଯବାନ ସହିଦ, ଆଉ ଜଣେ ଆହତ

ଭୁବନେଶ୍ୱର,୧୩।୧୨(ପି.ଏନ): ଛତିଶଗଡର ନାରାୟଣପୁର ଅଞ୍ଚଳରେ ଥିବା ଆମଦାଇ ଲୁହାପଥର ଖଣିରେ ନକ୍ସଲଙ୍କ ଆଇଇଡି ବିସ୍ଫୋରଣରେ ଛତିଶଗଡ ସଶସ୍ତ୍ର ବଳ (ସିଏଏଫ)ର ଜଣେ ଯବାନ ସହିଦ ହୋଇଛନ୍ତି। ଆଉ ଜଣେ ଯବାନ ଆହତ ହୋଇଛନ୍ତି।ସହିଦ ଯବାନଙ୍କ ନାଁ କମଳେଶ ସାହୁ। ତାଙ୍କ ଘର ଛତିଶଗଡର ଜନଜଗିରଚ଼ାପା ଜିଲ୍ଲା ଅନ୍ତର୍ଗତ ହସୋଦ ଗାଁରେ। ଆହତ ଯବାନଙ୍କ ନାଁ ବିନୟ କୁମାର। ତାଙ୍କ ଘର ବାଲୋଦ ଜିଲ୍ଲାର ସୋନପୁରରେ। ବିନୟଙ୍କ ବାମ ଗୋଡରେ ଆଘାତ ଲାଗିଛି। ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।



## ଭାରତରେ ଜ୍ଞାନ ଓ ଦକ୍ଷତାର ଏକ ସୁପର ହାଇୱେ ନିର୍ମାଣ କରିବାକୁ ଉଦ୍ୟମ କରିବା : ଧର୍ମେନ୍ଦ୍ର ପ୍ରଧାନ

ନୂଆଦିଲ୍ଲୀ/ଭୁବନେଶ୍ୱର, ୧୩।୧୨(ପି.ଏନ): ଆମେ ଏପରି ଏକ ଦୁନିଆରେ ରହୁଛୁ ଯେଉଁଠାରେ କେବଳ ଡିଗ୍ରୀ ରହିବା ଯଥେଷ୍ଟ ନୁହେଁ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି । ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଆମକୁ ଭାରତରେ ଜ୍ଞାନ ଓ ଦକ୍ଷତାର ଏକ ସୁପର ହାଇୱେ ନିର୍ମାଣ କରିବାକୁ ହେବ ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଆଜି ନୂଆଦିଲ୍ଲୀ ଠାରେ କେନ୍ଦ୍ରମନ୍ତ୍ରୀଙ୍କ ଉପସ୍ଥିତିରେ ଆର୍ଥିକ ସେବା କ୍ଷେତ୍ରରେ ନିଯୁକ୍ତି ସୁଯୋଗ ଦେବା ପାଇଁ ସ୍ନାତକ ଯୁବପିଢିଙ୍କୁ ପ୍ରସ୍ତୁତ କରାଇବା ଦିଗରେ ଜାତୀୟ ଦକ୍ଷତା ବିକାଶ ନିଗମ(ଏନଏସଡିସି) ସହ ସର୍ବଭାରତୀୟ ବୈଷୟିକ ଶିକ୍ଷା ପରିଷଦ(ଏଆଇସିଟିଇ) ଏବଂ ବଜାଜ ଫାଇନାନ୍ସ କମ୍ପାନୀ ମଧ୍ୟରେ ଏକ ବୁଝାମଣା ପତ୍ର ସ୍ୱାକ୍ଷରିତ




ହୋଇଛି । ଏହି ଅବସରରେ ଶ୍ରୀ ପ୍ରଧାନ ବ୍ୟାଙ୍କିଂ, ଫାଇନାନ୍ସ ଓ ବୀମା କ୍ଷେତ୍ରରେ ଏକ ସାର୍ଟିଫିକେଟ୍ କାର୍ଯ୍ୟକ୍ରମର ଶୁଭାରମ୍ଭ ମଧ୍ୟ କରିଛନ୍ତି ।ଶ୍ରୀ ପ୍ରଧାନ କହିଛନ୍ତି ଆଜିର ଏମଓୟୁ ଶିକ୍ଷାନୁଷ୍ଠାନ-ଶିଳ୍ପାନୁଷ୍ଠାନ ମଧ୍ୟରେ ସମ୍ପର୍କକୁ ସୁଦୃଢ଼ କରିବ । ଯୁବବର୍ଗଙ୍କୁ ସଶକ୍ତ କରିବ । ବିଶ୍ୱସ୍ତରୀୟ ଦକ୍ଷତା ଦେଇ ଭବିଷ୍ୟତ ପାଇଁ ଯୁବକ ଯୁବତୀଙ୍କୁ ପ୍ରସ୍ତୁତ କରାଇବା ସହ ଆର୍ଥିକ କ୍ଷେତ୍ରରେ ବ୍ୟାପକ ଦକ୍ଷତା ସୃଷ୍ଟି କରିବ । ଗତକାଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର ବିକଶିତ ଭାରତ ପାଇଁ ଥିବା ଦୂରଦୃଷ୍ଟି ଉପରେ ଆଲୋକପାତ କରିଥିଲେ କେନ୍ଦ୍ରମନ୍ତ୍ରୀ । ସେ କହିଛନ୍ତି ଲୋକଙ୍କର ଦକ୍ଷତା ବଢାଇବା ପାଇଁ ପ୍ରଧାନମନ୍ତ୍ରୀ କହିଛନ୍ତି । ଲୋକଙ୍କୁ ସ୍କିଲିଂ, ରି-ସ୍କିଲିଂ ଏବଂ ଅପ୍ ସ୍କିଲିଂ ସହ ଯୋଡିଲେ ହିଁ ଦେଶ ଆଗକୁ ବଢିବ । ଆଜି ଦେଶରେ ଡିପିଆଇ ବା ଡିଜିଟାଲ ପବ୍ଲିକ ଇନଫ୍ରେଷ୍ଟ କାରଣରୁ ଦେଶ ଆଗକୁ ବଢୁଛି । ଭାରତର ଆର୍ଥିକ କ୍ଷେତ୍ର ମଜଭୂତ୍ ହେଉଛି । ଏକ ବିକଶିତ ଭାରତ ପାଇଁ ଯୁବବର୍ଗଙ୍କ ସୃଜନଶୀଳ ଚ଼ିନ୍ତାଧାରା ସହ ବିକଶିତ ଭାରତ ଗଠନରେ ଦକ୍ଷତା ବିକାଶ ଓ ଆର୍ଥିକ କ୍ଷେତ୍ରର ଯୋଗଦାନକୁ ଏକାଠି କରିବା ପାଇଁ ହେବ । ବିଶ୍ୱସ୍ତରୀୟ ଦକ୍ଷତା ସହ ଭବିଷ୍ୟତ ପାଇଁ ପ୍ରସ୍ତୁତ ଦେଶର ଯୁବବର୍ଗ ବିକଶିତ ଭାରତ ଗଠନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବେ ବୋଲି ଶ୍ରୀ ପ୍ରଧାନ କହିଛନ୍ତି ।

## ଗ୍ରାମୀଣ ଡାକ ସେବକ ସଂଘ ପକ୍ଷରୁ ଧାରଣା



ଆସିକା,୧୩।୧୨ (ପି.ଏନ): ଗ୍ରାମୀଣ ଡାକ ସେବକ ସଂଘ ପକ୍ଷରୁ ଚ଼ାରି ଦଫା ସମ୍ବଳିତ ଦାବି ନେଇ ୧୨ ଡିସେମ୍ବରରୁ ଦିଆ ଯାଇଥିବା ସର୍ବ ଭାରତୀୟ ଅନିର୍ଦ୍ଦିଷ୍ଟ କାଳୀନ ଧର୍ମଘଟକୁ ଦେଶବ୍ୟାପୀ ସଫଳ କରାଯାଇଛି। ତେବେ ଆସିକା ଡାକ ମଣ୍ଡଳ ଅଧିନସ୍ଥ ଅନେକ ଶାଖା ଡାକଘର ଏହି ଧର୍ମଘଟକୁ ସଫଳ କରିଛନ୍ତି । ବାଲିପଦର ଉପ ଡାକଘର ଅଧିନସ୍ଥ ସମସ୍ତ ଗ୍ରାମୀଣ ଡାକ ସେବକ କର୍ମଚ଼ାରୀ ମାନେ ଏଇ ଚ଼ାରି ଦଫା ସମ୍ବଳିତ ଦାବି ନେଇ ବାଲିପଦର ଉପ ଡାକଘର ଆଗରେ ଧାରଣାରେ ବସିବା ସହ ସେମାନଙ୍କ ଦାବି ଉପସ୍ଥାପନା କରିଥିଲେ । ତେବେ ସରକାର ସମସ୍ତ ଦାବିକୁ ନ ମାନିବା ଯାଏଁ ସେମାନେ ସର୍ବଭାରତୀୟ ସ୍ତରରେ ଏଇ ଆନ୍‌ଦୋଳନକୁ ଅନିର୍ଦ୍ଦିଷ୍ଟ କାଳ ଯାଏଁ ଜାରି ରଖିବାକୁ ନିଷ୍ପତି ନେଇଛନ୍ତି । ସୂଚ଼ନାଯୋଗ୍ୟ ଗ୍ରାମୀଣ ଡାକ ସେବକ ମାନକୁ ଟାର୍ଗେଟ ପୂରଣ ପାଇଁ ମାନସିକ ଭାବେ ଚ଼ାପ ପ୍ରୟୋଗ ବନ୍ଦ କରିବା ସହ ସେମାନଙ୍କ କାର୍ଯ୍ୟ ସମୟ ଆଠ ଘଣ୍ଟାକୁ ବୃଦ୍ଧି କରାଯାଇ ସମ୍ପୂର୍ଣ୍ଣ ସରକାରୀ ସେବା ଭାବେ ମାନ୍ୟତା ପ୍ରଦାନ ଭଳି ଅନ୍ୟାୟ ଦାବି ନେଇ ଏଇ ଆନ୍‌ଦୋଳନ ଆରମ୍ଭ ହୋଇଛି। ତେବେ ହଜାର ହଜାର ଡାକ ସେବକ ଏହି ଆନ୍‌ଦୋଳନରେ ସାମିଲ ହେବା କାରଣରୁ ଓଡ଼ିଶା ଡାକ ମଣ୍ଡଳର ସେବା ଅନେକାଂଶରେ ବାଧାପ୍ରାପ୍ତ ହୋଇଛି।








# ଟି ଟାଇମ୍

## ଇତିହାସରେ ଆଜି ଦିନ

ଆଜିର ଦିନରେ ବିଶ୍ୱ ଇତିହାସରେ ଅନେକ ଘଟଣା ଓ ଦୁର୍ଘଟଣାମାନ ଘଟିଛି । ବହୁ ବରପୁତ୍ର ତଥା ପ୍ରଖ୍ୟାତ କଳାକାର ମଧ୍ୟ ଆଜି ଜନ୍ମ ହୋଇଛନ୍ତି । ଆଜିର ଦିନରେ ଇତିହାସ ପୃଷ୍ଠାରେ କ'ଣକ'ଣ ଘଟଣା ଘଟିଥିଲା ଆସନ୍ତୁ ଜାଣିବା :

❖ ଓହାୟୋର କଲମ୍ବସ ନିକଟସ୍ଥ ଚିଡିଆଖାନାରେ ବନ୍ଦୀ ଅବସ୍ଥାରେ ପ୍ରଥମ ଗରିଲା କୋଲୋରା ଜନ୍ମଲାଭ କରିଥିଲା(୧୯୫୬)

❖ ଆଫଗାନିସ୍ତାନର ମଧ୍ୟବର୍ତ୍ତିକାଳୀନ ସରକାରର ମୁଖ୍ୟ ବୁରାହନୁଦ୍ଦିନ ରବ୍ବାନୀ ରାଷ୍ଟ୍ରପତି ହମିଦ କାରଜାଇଙ୍କୁ କ୍ଷମତା କ୍ଷମତା ହସ୍ତାନ୍ତର କରିଥିଲେ(୨୦୦୧)

❖ ହଡସନ ନଦୀ ଉପରେ ନିର୍ମି ତ ଲିଙ୍କନ ଟନେଲ

❖ ସର୍ବସାଧାରଣଙ୍କ ଯାତାୟତ ପାଇଁ ଖୋଲା ଯାଇଥିଲା(୧୯୩୭)

❖ ବର୍ଲିନର ବ୍ରାଣ୍ଡେନବର୍ଗ ଗେଟ ଖୋଲିଥିଲା, ଏହା ଦୀର୍ଘ ୩୦ ବର୍ଷ ପର୍ଯ୍ୟନ୍ତ ବନ୍ଦ ହୋଇ ରହିଥିଲା(୧୯୮୯)

## ପୁରାଣ କାହାଣୀ

# ରାମଙ୍କ ପିତୃସତ୍ୟ ପାଳନ



ମନ୍ଥରା କଥାରେ କୈକେୟୀ ରାଜା ଦଶରଥଙ୍କୁ ଏକଦା ପ୍ରତିଜ୍ଞା କରିଥିବା ଦୁଇଟି ବର ପ୍ରଦାନ କରିବା ଛଳରେ ଏହି ଦୁଇ ବର ମାଗିଲେ ଯେ, ରାମ ବାର ବର୍ଷ ପାଇଁ ବନବାସ କରିବାକୁ ଯିବେ ଓ ତାଙ୍କ ପୁତ୍ର ଭରତ ରାଜା ହେବେ। ରାଜା ଦଶରଥ ଅତିଶୟ ଦୁଃଖରେ ତାଙ୍କ ସତ୍ୟ ରକ୍ଷା କଲେ। ଏହା ଶୁଣି ରାମ ଧୀର ଚିତ୍ତରେ ପିତୃ-ସତ୍ୟ ପାଳନ ନିମନ୍ତେ କିଞ୍ଚିତ ଦୁଃଖ ପ୍ରକାଶ କଲେ ନାହି। ରାମଙ୍କର ଏହି ମହନୀୟତା ହିଁ ସାରା ରାମାୟଣରେ ଅନେକ ରୂପରେ ପ୍ରକାଶିତ ହୋଇଛି। ରାମଙ୍କର ଶତ ବାରଣ ସତ୍ତ୍ୱେ,ବନବାସ ବେଳେ ରାମଙ୍କର ଅନୁସରଣ କରିବା ପାଇଁ ଦେବୀ ସୀତା ଏବଂ ଭ୍ରାତା ଲକ୍ଷ୍ମଣ ଇଚ୍ଛା ପ୍ରକାଶ କଲେ। ରାମଙ୍କର ବାରଣର ଉତ୍ତରରେ ସୀତା କହନ୍ତି, ଆପଣଙ୍କ ପାଦ ଯେଉଁ ବନପ୍ରଦେଶରେ ପଡିମ ତାହା ମୋ ପାଇଁ ଅଯୋଧ୍ୟା ଆଉ ଆପଣଙ୍କ ବିନା ଆଯୋଧ୍ୟା ମଧ୍ୟ ମୋ ପାଇଁ ନର୍କ ସଦୃଶ। ଇତି ମଧ୍ୟରେ ଭାରତ, ଟିଏ କି ମାତୃଳଙ୍କ ଗୃହକୁ ବୁଲି ଯାଥିଲେ, ଏଖବର ଶୁଣି ଗଭୀର ଦୁଃଖ ପ୍ରକାଶ କଲେ। ରାଜା ହେବାର ସୁଯୋଗ ପରିତ୍ୟାଗ କରି ସେ ଭ୍ରାତା ରାମଙ୍କୁ ଦେଖା କରିବା ପାଇଁ ସେ ବନ ଗମନ କରି ରାମଙ୍କୁ ଦେଖା କଲେ। ରାମଙ୍କୁ ବହୁତ ଅନୁନୟ ବିନୟ ପୂର୍ବକ ଫେରିଆସିବାକୁ ଏବଂ ରାଜ୍ୟ ଭାର ଗ୍ରହଣ କରିବାକୁ ଆକୁଳ ପ୍ରାର୍ଥନା କଲେ। କିନ୍ତୁ ରାମ ପିତୃ-ସତ୍ୟ ପାଳନ ନିମନ୍ତେ ସମସ୍ତ ଅନୁରୋଧକୁ ପ୍ରତ୍ୟାଖ୍ୟାନ କରି ବନବାସ ପୂର୍ବରୁ ରାଜ୍ୟକୁ ଫେରିବାକୁ ମନା କରିଦେଲେ। ତେବେ ଏକ ବିରଳ ଭ୍ରାତୃ ଭକ୍ତିର ଉଦାହରଣ ସ୍ୱରୂପ ଭରତ ଭ୍ରାତା ରାମଙ୍କ କଠଉ ଯୋଡିକ ମସ୍ତକରେ ଧାରଣ ପୂର୍ବକ ଫେରି ଆସିଲେ ଏବଂ ସିଂହାସନରେ ରାମଙ୍କ କଠଉ ସ୍ଥାପନ ପୂର୍ବକ ରାମଙ୍କ ପ୍ରତିନିଧି ଭାବରେ ରାଜ୍ୟ ଶାସନ କରିବାକୁ ଲାଗିଲେ।

## ଆଜିର ଭାଗ୍ୟ

**ମେଷ** – କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** – ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** – କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନ କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** – ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶ୍ରୁତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** – ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** – ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** – ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** – ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** – ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** – କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** – ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** – କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

# ପଲ୍ଲୀ କବି ନନ୍ଦ କିଶୋର ବଳ



ଓଡିଶା ସାହିତ୍ୟର ପ୍ରାକ୍- ଆଧୁନିକ କାଳରେ ଜଣେ କବି ଥିଲେ। ସେ ଓଡିଶାର ପୁରପଲ୍ଲୀ ଉପରେ କାବ୍ୟ ରଚନା କରିଥିବାରୁ ତାଙ୍କୁ ପଲ୍ଲୀ କବି ବୋଲି ସମ୍ବୋଧନ କରାଯାଏ। ସେ ଓଡିଶାର କଟକ ଜିଲ୍ଲା ଅନ୍ତର୍ଗତ କୁସୁପୁର ଗାଆଁରେ ଜନ୍ମଗ୍ରହଣ କରିଥିଲେ। ପିତାଙ୍କ ନାମ ଥିଲା ଭଜନାନନ୍ଦ ଜେନା ଓ ମାତାଙ୍କର ନାମ ହିରଣ୍ମୟୀ ଦେବୀ। ଶୈଶବରେ ସେ "ରସାନନ୍ଦ ଜେନା" ନାମରେ ପରିଚିତ ଥିଲେ। ପିଉସୀ ପୋଷ୍ୟପୁତ୍ର କରିନେବା ପରେ ସେ ନନ୍ଦକିଶୋର ବଳ ଭାବରେ ପରିଚିତ ହେଲେ। ବାଲ୍ୟ ଜୀବନ କୁସୁପୁରରେ ହିଁ କଟିଥିଲା। ଗାଁ ସ୍କୁଲରୁ ଆରମ୍ଭ କରି, ସେ କଟକ ଟାଉନ ସ୍କୁଲ, ରେଭେନ୍ସା କଲିଜିଏଟ ସ୍କୁଲ, କେନ୍ଦ୍ରାପଡା ଉଚ୍ଚ ଇଂରାଜୀ ବିଦ୍ୟାଳୟ ଓ ରେଭେନ୍ସା ମହାବିଦ୍ୟାଳୟରେ ଶିକ୍ଷାଲାଭ କରିଥିଲେ। ଭକ୍ତି କବି ବଧୁସୂଦନ ରାଓଙ୍କ ଦ୍ୱାରା ପ୍ରତିଷ୍ଠିତ କଟକରେ ଟାଉନ ସ୍କୁଲରୁ ନନ୍ଦ କିଶୋର ନିଜର ଚାକିରି ଜୀବନ ଆରମ୍ଭ କରିଥିଲେ। କିଛି ବର୍ଷ ପରେ, ସେ ସ୍କୁଲ ସବ୍‌ଇନସିପେକ୍ଟର ଭାବେ ପଦୋନ୍ନତି ପାଉଥିଲେ। ଏହି ଚାକିରିରେ ବାରମ୍ବାର ଗସ୍ତ ଓ ବଦଳି ଯୋଗୁଁ ତାଙ୍କ ଦେହ ଖରାପ ହେଉଥିଲା। ଏହି କାରଣରୁ ସେ ସ୍ୱେଚ୍ଛାକୃତ ଅବସର ନେଇ ଗାଁରେ ରହିବାକୁ ସ୍ଥିର କରିଥିଲେ। କିନ୍ତୁ ଚିକିତ୍ସା ପାଇଁ ତାଙ୍କୁ ପୁନର୍ବାର କଟକ ଆସିବାକୁ ପଡିଥିଲା। ୧୯୨୮ ମସିହା ଜୁଲାଇ ୧ ତାରିଖରେ ଇହଲିଳା ସମ୍ବରଣ କରିଥିଲେ। ରଚନାବଳୀନନ୍ଦ କିଶୋର, କଲେଜରେ ପଢ଼ିଲା ବେଳୁହିଁ ପ୍ରବନ୍ଧ ଲେଖିବା ଆରମ୍ଭ କରିଥିଲେ। ନିଜର ପ୍ରଥମ ପ୍ରଥମ ପ୍ରବନ୍ଧକୁ ସେ "ପଲ୍ଲୀ ଚିତ୍ର" ନାମରେ କବିତାର ରୂପ ଦେଇଥିଲେ। ତାଙ୍କର ରଚନାବଳୀରେ ପଲ୍ଲୀ ପ୍ରକୃତିର ସୁନ୍ଦର ବର୍ଣ୍ଣନା ଫୁଟିଉଠିଥାଏ। ପିଲାମାନଙ୍କ ପାଇଁ ତାଙ୍କଦ୍ୱାରା ରଚିତ "ନାନା ବାୟା ଗୀତ" ଓଡିଶାର ପୁରପଲ୍ଲିରେ ବେଶ୍ ପ୍ରଚଳିତ। ସେ ୧୦୦ରୁ ଅଧିକ ସନେଟ ମଧ୍ୟ ଲେଖିଛନ୍ତି। ତାଙ୍କର ସନେଟ ଗୁଡିକ ପ୍ରକୃତି ଓ ଜନଜୀବନର ଛବିରେ ପୁଷ୍ଟ। ୧୯୨୫ରେ ସେ କନକଲତା (ଉପନ୍ୟାସ) ନାମରେ ଉପନ୍ୟାସଟିଏ ମଧ୍ୟ ରଚିଯାଇଛନ୍ତି।

# ରଣବୀର-କ୍ୟାଟ୍ରିନାଙ୍କୁ ନେଇ ଚର୍ଚ୍ଚା



ରଣବୀର କପୁର ଓ କ୍ୟାଟ୍ରିନା କୈଫଙ୍କ ଅଭିନୀତ ଫିଲ୍ମ 'ଜଗା ଜାସୁସ୍'ର ପ୍ରଥମ ପୋଷ୍ଟର ରିଲିଜ କରାଯାଇଛି। ୟୁଟିଭି ମୋଶନ ପିକଚର୍ସର ଟ୍ୱିଟରରେ ଏହି ପୋଷ୍ଟର ରିଲିଜ କରାଯାଇଛି। ଯେଉଁଥିରେ ଉଭୟ ରଣବୀର ଓ କ୍ୟାଟ୍ରିନାଙ୍କୁ ଓଟପକ୍ଷୀ ଉପରେ ବସି ଯାଉଥିବାର ଦେଖିବାକୁ ମିଳିଛି। ଦୁଇଜଣଙ୍କ ଲୁକ୍ ମଧ୍ୟ ଖୁବ୍ ମଜାଳିଆ ହୋଇଛି। ଯାହାକୁ ଦେଖିବା ପରେ ଫିଲ୍ମ ରିଲିଜର ଅପେକ୍ଷାରେ ରହିଛନ୍ତି ଦର୍ଶକ। ଫିଲ୍ମକୁ ନେଇ ବ୍ୟଗ୍ରତାର ଅନ୍ୟ ଏକ କାରଣ ହେଉଛି ବ୍ରେକଅପ୍ ପରେ ପୁଣିଥରେ ରଣବୀର ଓ କ୍ୟାଟ୍ରିନାଙ୍କୁ ଏଥିରେ ଏକାଠି ଦେଖିବାକୁ ମିଳିବ। ଯାହା ସେମାନଙ୍କ ପ୍ରଶଂସକଙ୍କ ପାଇଁ ଖୁସିର ମୁହୂର୍ତ୍ତ। ତେବେ ଅନୁରାଗ ବସୁଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମଟି ଚଳିତ ବର୍ଷ ୨୭ ନଭେମ୍ବରରେ ରିଲିଜ କରାଯାଇଥା'ନ୍ତା। ମାତ୍ର ରଣବୀର ଓ କ୍ୟାଟ୍ରିନାଙ୍କ ବ୍ରେକଅପ୍ ଏବଂ ଦୁଇଜଣଙ୍କ ବ୍ୟସ୍ତ ସିଡ୍ୟୁଲକୁ ନେଇ ଫିଲ୍ମଟି ନିର୍ଦ୍ଧାରିତ ସମୟରେ ଶେଷ ହୋଇପାରିନଥିଲା। ତେଣୁ ଏହାର ରିଲିଜ ଡେଟ୍‌କୁ ଘୁଞ୍ଚାଯାଇ ଆସନ୍ତା ବର୍ଷ ଅପ୍ରେଲ ୭ ତାରିଖକୁ ରଖାଯାଇଛି।

# ଉଚ୍ଚ ରକ୍ତଚାପରୁ ରକ୍ଷା କରିବ ଗଭୀର ନିଃଶ୍ୱାସ



ଶରୀରରେ ଯେକୌଣସି ରୋଗର ଉପସ୍ଥିତି ଅଧିକାଂଶ ଲୋକଙ୍କୁ ବହୁତ ଡେରିରେ ଜଣା ପଡ଼ିଥାଏ । ସେଭଳି ଏକ ରୋଗ ହେଉଛି ଉଚ୍ଚ ରକ୍ତଚାପ । ଉଚ୍ଚ ରକ୍ତଚାପକୁ ସାଇଲେଣ୍ଟ କିଲର କୁହାଯାଏ । ଯଦି ଆପଣ ସେଭଳି ସ୍ଥିତିରେ ଗତି କରୁଛନ୍ତି ଓ ଔଷଧପତ୍ର ଖାଇବା ଝାମେଲାରୁ ମୁକୁଳିବାକୁ ଚାହୁଁଛନ୍ତି ତେବେ ଆପଣ ଆପଣଙ୍କ ଲାଇଫ ଷ୍ଟାଇଲକୁ ବଦଳାନ୍ତୁ । ଦୀର୍ଘ ଶ୍ୱାସକ୍ରିୟାରେ ଆରାମ-କିଛି ବ୍ୟକ୍ତିଙ୍କର ରକ୍ତଚାପ ସନ୍ଧ୍ୟା ତୁଳନାରେ ସକାଳ ସମୟରେ ଅଧିକ ଥାଏ । ଏହାର କାରଣ ରାତିରେ ଅମ୍ଳଜାନର ଅଭାବ। ବିପି ନିୟନ୍ତ୍ରଣ ରଖିବା ପାଇଁ ଅମ୍ଳଜାନର ମୁଖ୍ୟ ଭୂମିକା ରହିଛି । ଏଥିପାଇଁ ଦିନବେଳେ ଶାନ୍ତ ପରିବେଶରେ ବସି ୧୦ ରୁ ୧୫ ଥର ପେଟ ଭିତରୁ ଦୀର୍ଘ ନିଃଶ୍ୱାସ ନେବା ଉଚିତ୍ । ଏସ୍‌ଏମ୍‌ଏସ୍ ଡାକ୍ତରଖାନାର ଫିଜିସିଆନ୍ ଡା. ସି.ଏଲ୍.ନବଲଙ୍କ କହିବା ଅନୁସାରେ ଗଭୀର ନିଃଶ୍ୱାସ ପ୍ରଶ୍ୱାସ ନେଲେ ଶରୀରରେ ଅମ୍ଳଜାନ ଓ ରକ୍ତ ସଞ୍ଚାଳନ ସୁଚାରୁ ରୂପେ ହୋଇଥାଏ । ତା'ସହିତ ମାନସିକ ରୂପରେ ଶାନ୍ତି ମିଳିଥାଏ ।

# ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ'ଣ ସେହି ଗଛ ନିଜେ ହିଁ ସେ ଅଞ୍ଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧ୍ୟରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧ୍ୟରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଳି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧ୍ୟରେ ରଖିଦିଅନ୍ତି । ତା'ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଚଦର ବ୍ୟବହାର କରନ୍ତି । ଗଛ ମଧ୍ୟରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚାଲିଗଲା ।

# ବିଲେଇଙ୍କୁ ମିଳୁଛି ସରକାରୀ ଚାକିରି, ମୋଟା ଦରମା



ଲଣ୍ଡନ ଗୋଟିଏ ପଟେ ଦେଶରେ ବେରୋଜଗାରୀ ସମସ୍ୟା ବୃଦ୍ଧି ପାଉଥିଲା ବେଳେ ଅନ୍ୟପଟେ ଏଠି ବିଲେଇକୁ ପ୍ରଦାନ କରାଯାଉଛି ସରକାରୀ ଚାକିରି ଏବଂ ଚାକିରି ବାବଦରେ ମିଳୁଛି ମୋଟା ଦରମା। ନିକଟରେ ଦେଶର କ୍ୟାବିନେଟ୍ ଦୁଇ ବିଲେଇକୁ ସରକାରୀ ନିଯୁକ୍ତି ପାଇଁ ମଞ୍ଜୁର ଦେଇଛି। ଇବି ଏବଂ ଓସି ନାମକ ଏହି ଦୁଇ ବିଲେଇ ଏବେ ବ୍ରିଟିସ ସରକାରଙ୍କ କ୍ୟାବିନେଟ୍ କାର୍ଯ୍ୟାଳୟରେ ଚାକିରି କରୁଛନ୍ତି। ବିଲେଇଙ୍କୁ ନିଯୁକ୍ତି ଦିଆଯିବା ପୂର୍ବରୁ ବିଧିବଦ୍ଧ ଭାବେ ବିଜ୍ଞାପନ ଦିଆଯାଇଥିଲା। ବିଜ୍ଞାପନରେ ସେମାନଙ୍କର ଯୋଗ୍ୟତା ସହ ବାୟୋଡାଟା ମଧ୍ୟ ମଗାଯାଇଥିଲା। ଏହି ନିଯୁକ୍ତି ପାଇଁ ଅନେକ ଆବେଦନ ପତ୍ର ମିଳିଥିଲା ବେଳେ ଦକ୍ଷତାକୁ ଦୃଷ୍ଟିରେ ରଖି ଦୁଇ ବିଲେଇଙ୍କୁ ନିଯୁକ୍ତି ଦିଆଯାଇଛି। ଏମାନଙ୍କର ଦାୟିତ୍ୱ ହେଉଛି କ୍ୟାବିନେଟ୍ କାର୍ଯ୍ୟାଳୟରୁ ମୂଷା ମାରିବା। ଗତକିଛି ବର୍ଷ ଧରି ଏଠାର କ୍ୟାବିନେଟ୍ କାର୍ଯ୍ୟାଳୟରେ ମୂଷାଙ୍କ ଉତ୍ପାତ ବୃଦ୍ଧି ପାଉଥିଲା ବେଳେ ସେମାନଙ୍କ ଦ୍ୱାରା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ନଷ୍ଟ ହେବାରେ ଲାଗିଛି। ଯେଉଁ କାରଣରୁ ସରକାର ବାଧ୍ୟରେ ମୂଷା ନିୟନ୍ତ୍ରଣ ପାଇଁ ବିଲେଇ ନିଯୁକ୍ତି ଦେଇଛନ୍ତି।

# ଶୀତ ଋତୁରେ ରୋଗ ବେଶୀ



ଶୀତଋତୁ ଆସିଲେ ବିଭିନ୍ନ ପ୍ରକାର ରୋଗ ମଧ୍ୟ ସାଙ୍ଗରେ ଆଣି ଆସିଥାଏ । ଯେପରି ଥଣ୍ଡା, ସଂକ୍ରମଣ, ତ୍ୱଚା ଫାଟିବା ଇତ୍ୟାଦି । କେତେକ ଲୋକଙ୍କର ଭାବନା ରହିଥାଏ କି ସନସ୍କ୍ରିନ୍‌ର ପ୍ରୟୋଗ କେବଳ ଗ୍ରୀଷ୍ମ ଦିନମାନଙ୍କରେ କରାଯାଇଥାଏ କିନ୍ତୁ ଏପରି ଭାବିବା ସମ୍ପୂର୍ଣ୍ଣ ରୂପେ ଭୁଲ୍ । ଥଣ୍ଡା ଦିନମାନଙ୍କରେ ସୂର୍ଯ୍ୟ ଭୂପୃଷ୍ଠର ସବୁଠାରୁ ନିକଟତର ହୋଇଥାନ୍ତି । ଏଥିପାଇଁ ସୂର୍ଯ୍ୟଙ୍କ କିରଣ ଅଧିକ କ୍ଷତି ପହଞ୍ଚାଇଥାଏ । ଥଣ୍ଡା ଦିନମାନଙ୍କରେ କସରତ କରିବା କ୍ଷତିକାର ହୋଇପାରେ । ଏପରି ଭାବିବା ବିଲ୍‌କୁଲ୍ ଭୁଲ୍ । ବାସ୍ ଏହି କଥାର ଧ୍ୟାନ ରଖନ୍ତୁ କି ବାହାରକୁ ବାହାରିବା ପୂର୍ବରୁ ନିଜକୁ ଥଣ୍ଡାରୁ ବଞ୍ଚେଇବାର ସମସ୍ତ ଉପାୟକୁ ସାଙ୍ଗରେ ଧରି ଯାଆନ୍ତୁ । ଥଣ୍ଡା ଦିନମାନଙ୍କରେ ମଦ୍ୟପାନ କରିବା ଦ୍ୱାରା ଶରୀର ଗରମ ପହଞ୍ଚାଇଥାଏ ବୋଲି ଅନେକଙ୍କର ଭାବନା ରହିଥାଏ । କିନ୍ତୁ ବାସ୍ତବରେ ଏହା ଅଳ୍ପ କିଛି ସମୟ ପାଇଁ ଆପଣଙ୍କ ଶରୀରକୁ ଗରମ ରଖିଥାଏ । ଲମ୍ବା ସମୟ ପର୍ଯ୍ୟନ୍ତ ଏହା କାମ କରିନଥାଏ । ଅଧିକ ସମୟ ପର୍ଯ୍ୟନ୍ତ ଥଣ୍ଡାରେ ଘରଠୁ ବାହାରେ ରହିବା ଦ୍ୱାରା ରୋଗ ଆକ୍ରାନ୍ତ ହେବାର ଆଶଙ୍କା ଅଧିକ ରହିଥାଏ । ଏପରି ବିଲ୍‌କୁଲ୍ ନୁହେଁ । ଏହି ମୌସୁମୀରେ ଥଣ୍ଡା, କାଶ, କେବଳ ବ୍ୟାକ୍ଟେରିୟା ଏବଂ ସଂକ୍ରମଣ କାରଣରୁ ହିଁ ହୋଇଥାଏ । ଥଣ୍ଡା ମୌସୁମିରେ ଅଧିକ ଚିନ୍ତା ରହିଥାଏ । ଭିଟାମିନ୍ ସି ଇମ୍ୟୁନିଟିକୁ ବଢେଇଥାଏ ଏବଂ ଥଣ୍ଡା ଦିନମାନଙ୍କରେ ହେଉଥିବା ରୋଗ ମାନଙ୍କଠାରୁ ବଞ୍ଚେଇଥାଏ ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ

ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୩, ଡିସେମ୍ବର ୧୩

# କାନରୁ ଗଇ କାଢୁଛନ୍ତି କି ?



ନାରାୟଣ ଚନ୍ଦ୍ର ବିଶ୍ୱାଳ

ଅନେକଙ୍କୁ ଦେଖାଯାଏ ସେମାନେ ବେଳେ ବେଳେ ବା ସେମାନଙ୍କ ହାତରେ ଅବସର ସମୟଟି, କିମ୍ବା କାହାକୁ ଅପେକ୍ଷା କରିଥିଲେ କିମ୍ବା କାନ କିଛି ଅସ୍ୱାଭାବିକ ଲାଗିଲେ। କାନ ଭିତରେ ଡଟ୍ ପେନ, ଗାଡ଼ି ଚାବି, ତୁଳାକାଠି ବା ହାତରେ ଯେ କୌଣସି ଛୋଟିଆ ପତଳା ସରୁ ମୁନ କାଠି ମିଳିଲେ ସେମାନେ କାନରେ ଥିବା ଗଇ କାଢ଼ିବାକୁ ଚେଷ୍ଟା କରନ୍ତି। ଏ ଦୃଶ୍ୟଟି ପ୍ରାୟତଃ ଅନେକଙ୍କ ଠାରେ ଦେଖାଯାଏ। ତେବେ ଅନେକ ଜାଣିନଥାନ୍ତି ଏହି ବିପଜ୍ଜନକ କାର୍ଯ୍ୟ ଦ୍ୱାରା ସେମାନେ ଶ୍ରବଣ ଶକ୍ତି ହରାଇବାର ଆଶଙ୍କା ରହିଥାଏ। ବାସ୍ତବ କଥା ହେଉଛି ଉଦ୍ଦେଶ୍ୟହୀନ ଭାବେ କାନରେ କାଠି ବା ଅନ୍ୟ କୌଣସି ବାହାର ପଦାର୍ଥ ପୁରାଇ ଲୋକମାନେ ନିଜର ପରୋକ୍ଷରେ କାନର କ୍ଷତି ହିଁ କରିଥାନ୍ତି। ପ୍ରକୃତରେ ମଣିଷର କାନ ଏକ ସ୍ୱୟଂକ୍ରିୟ ବ୍ୟବସ୍ଥା ଭାବେ ଆପେ ଆପେ ସଫା ହୋଇଥାଏ ଯାହାକି ଏକ ଶାରୀରିକ ପ୍ରକ୍ରିୟା କହିଲେ ଅତ୍ୟୁକ୍ତି ହେବନାହିଁ। ତେଣୁ କାନକୁ ନିୟମିତ ସଫା କରିବା ସେପରି ଏକ ଅତ୍ୟାବଶ୍ୟକ କାର୍ଯ୍ୟ ନୁହେଁ। ଯଦି କାନ ଭିତରେ ବାହାରର ଅତ୍ୟଧିକ ଧୂଳି, ମଇଳା ବା କୌଣସି ଅନ୍ୟାନ୍ୟ ଜିନିଷ ପଶିଯାଏ ତେବେ ଆପଣ ଏହାକୁ ଇଏନଟି ବିଶେଷଜ୍ଞଙ୍କ ପରାମର୍ଶରେ ଡାକ୍ତରୀ ବ୍ୟବସ୍ଥାରେ ସଫା କରିପାରିବେ। କାନ ଭିତରେ ଥିବା ସୂକ୍ଷ୍ମ ଝିଲ୍ଲୀ ଆମ କାନ ମଇଳା ବା ଗଇର ଏକ ରକ୍ଷା କବଚ ଭାବେ ତାହା ଧୂଳି ଓ ଅନ୍ୟାନ୍ୟ ଅପରିଷ୍କାର ଜିନିଷ ଠାରୁ ରକ୍ଷା କରିଥାଏ। ଏହା ଆପଣା ଛାଏଁ ବାହାରିବାର ଶାରୀରିକ ବ୍ୟବସ୍ଥା ଥିବାବେଳେ ତାକୁ କୃତ୍ରିମ ଭାବେ ଖୋଳିବା ଦ୍ୱାରା ଏହି ମଇଳା ବା ଗଇର ସ୍ତର କାନର ଭିତର ଅଞ୍ଚଳକୁ ଠେଲି ହୋଇ ଚାଲିଯାଏ। ଯାହାଦ୍ୱାରା କର୍ଣ୍ଣ ଗହ୍ୱରରେ ଅଧିକ ଚାପ ସୃଷ୍ଟି ହୁଏ, ଶ୍ରବଣ କ୍ଷମତା ହ୍ରାସ ହେବା ସହ କାନରେ କଷ୍ଟ ମଧ୍ୟ ହୋଇଥାଏ। ଏହା ସଂକ୍ରାମକ ହୋଇ କାନର ଅଭ୍ୟନ୍ତରୀଣ ଅଙ୍ଗକୁ ଗୁରୁତର କ୍ଷତି ସାଧନ ମଧ୍ୟ କରିଥାଏ। ସେହିଭଳି କାନରେ ତେଲ ପକାଇବା ଏକ ଅନାବଶ୍ୟକ ଅଭ୍ୟାସ ଭାବେ ବିଚାର କରାଯାଏ। କାରଣ ପ୍ରଦୂଷିତ ତୁଟୁକାତୁଟୁକି ବା ଦେଶୀୟ ପ୍ରଣାଳୀର ପ୍ରସ୍ତୁତ ଏହି ତେଲ ସଂକ୍ରମଣକୁ ବଢ଼ାଇଥାଏ। କେତେକ ଲୋକଙ୍କର ଗାଡ଼ି ଚାବି କାନ ପୁରାଇବା ଏକ ଭୟଙ୍କର କୁଅଭ୍ୟାସ। ପ୍ରଥମତଃ ଗାଡ଼ିର ତୀକ୍ଷଣ ମୁନିଆ ଧାତବ କାଠି, ଦ୍ୱିତୀୟତଃ ଏହା ପେଟ୍ରୋଲିୟମ ପଦାର୍ଥର ସଂସ୍ପର୍ଶରେ ରହିଥିବାରୁ ଏହା କାନର ଭିତର ଗହ୍ୱର ପାଇଁ ବିପଜ୍ଜନକ ସାବ୍ୟସ୍ତ ହୋଇଥାଏ। ଆଜିକାଲି ବଜାରରେ କିଛି ଲୋକ କାନ ସଫା କରିବା ପାଇଁ ବୁଲୁଛନ୍ତି। ସେମାନେ ତଥାକଥିତ ସ୍ପିରିଟ ଦ୍ୱାରା ସଫା କରି ମଇଳା କାଢ଼ି ଆପଣଙ୍କୁ ଦେଖାଇ ସାବାସି ଅର୍ଥ ନେଉଛନ୍ତି। ଏହା ଯେ କେତେ ମାରାତ୍ମକ ଆପଣଙ୍କର କଳ୍ପନାର ବାହାରେ। କାନ ସଫା କରିବା ପାଇଁ କାନ ଆପଣଙ୍କୁ ସୂଚନା ଦେଇଥାଏ। କାନର ଶାରୀରିକ ପ୍ରକ୍ରିୟା ଏପରି ଯେ ଏହା ଅତି ସୂକ୍ଷ୍ମାତିସୂକ୍ଷ୍ମ ବ୍ୟବସ୍ଥା। ଯାହା ମସ୍ତିଷ୍କ ଓ ଶରୀରର ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର ସହ ଜଡ଼ିତ ହୋଇଥାଏ। ଏହି ସ୍ନାୟୁ ଯୋଗାଯୋଗ ବ୍ୟବସ୍ଥାର ସାମାନ୍ୟତମ ବ୍ୟତିକ୍ରମ ବା କୁପରିଣତି ଜଣଙ୍କୁ ସାରା ଜୀବନ କାଲ କରିଦେବା ପାଇଁ ଯଥେଷ୍ଟ ହୋଇଥାଏ। ଡାକ୍ତରୀ ବ୍ୟବସ୍ଥାରେ କାନ ସଫା କରିବାର ସୁଯୋଗ ନିଅନ୍ତୁ। ବାହାରକୁ ଯାଉଥିଲେ କାନକୁ ଘୋଡ଼ାଇବା ପାଇଁ ଇୟର କପ୍ ବ୍ୟବହାର କରିପାରନ୍ତି। ତେବେ କୌଣସି ପରିସ୍ଥିତିରେ କାନକୁ ନିଜ ବ୍ୟବସ୍ଥାରେ ସଫା କରନ୍ତୁ ନାହିଁ। ସେହିପରି ପାଣିରେ ବୁଡ଼ ଦେଇ ଗାଧୋଇବା ମଧ୍ୟ ଏକ ଖରାପ ଅଭ୍ୟାସ। କେହି କେହି କୁହନ୍ତି ଯେ ପାଣିରେ ବୁଡ଼ ମାରି ଗାଧୋଇଲେ କାନ ଆପଣା ଛାଏଁ ସଫା ହୋଇଯିବ ଏହା ମଧ୍ୟ ଏକ ଭୁଲ ଧାରଣା। କାନ ପରି ଏକ ସ୍ପର୍ଶକାତର ଅଙ୍ଗକୁ ଅଣଦେଖା କରନ୍ତୁ ନାହିଁ ଏବଂ କର୍ଣ୍ଣ-ନାସା-ଗଳା ବିଶେଷଜ୍ଞଙ୍କ ପରାମର୍ଶରେ ହିଁ କାନରୁ ଗଇ କାଢ଼ିବା ଉପଯୋଗୀ କିମ୍ବା ଅନୁପଯୋଗୀ ଏହାକୁ ନିର୍ଣ୍ଣୟ କରିପାରିବେ। ଡାକ୍ତରୀ ବ୍ୟବସ୍ଥାରେ ହିଁ କାନ ସଫା କରିବା ଅତ୍ୟନ୍ତ ପ୍ରୟୋଜନୀୟ ଏବଂ ଏହାଦ୍ୱାରା ଆପଣଙ୍କର କାନ ମଧ୍ୟ ସୁରକ୍ଷିତ ରହିପାରିବ।

*ବାକ୍ ଶ୍ରବଣ ବିଶେଷଜ୍ଞ, ଧ୍ୱନୀ' କାଠଗୋଲା ରୋଡ଼, ମଙ୍ଗଳାବାଗ, କଟକ, ଦୂରଭାଷ : ୯୪୩୮୨୭୬୭୬୦*

# ଗଣତନ୍ତ୍ରର ପ୍ରହସନ



ଗୋପାଳ ମହାପାତ୍ର

ଗଣତନ୍ତ୍ରର ସର୍ବମାନ୍ୟ ବାକ୍ୟ ହେଉଛି " ଲୋକଙ୍କର, ଲୋକଙ୍କ ଦ୍ୱାରା ଏବଂ ଲୋକଙ୍କ ପାଇଁ" । ଏହି ସର୍ବମାନ୍ୟ ବାକ୍ୟରୁ ସ୍ପଷ୍ଟ ଯେ ଗଣତନ୍ତ୍ରରେ ଲୋକେ ବା ଜନତା ହେଉଛନ୍ତି ସର୍ବ ଶକ୍ତିମାନ। ରାଜନୈତିକ ଦଳ ଜନତାଙ୍କ ଉର୍ଦ୍ଧ୍ୱରେ ବୋଲି କେଉଁଠାରେ କୁହାଯାଇନାହିଁ। କିନ୍ତୁ ଏବେ ଗଣତାନ୍ତ୍ରିକ ବିଂଶଗତି ଓ ବିଦୃପତାକାରଣରୁ ଏଭଳି ଅବସ୍ଥା ସୃଷ୍ଟି ହୋଇଛି ଯେ ଜନତା ଶକ୍ତିହୀନ ବୋଲି ରାଜନୈତିକ ଦଳମାନେ ଭାବିନେଲେଣି । କେବଳ ଏତିକି ନୁହେଁ ନିର୍ବାଚ୍ନୀ ବଣ୍ଡକୁ ନେଇ ମାନ୍ୟବର ସୁପ୍ରିମକୋର୍ଟଙ୍କ ସାମ୍ବିଧାନିକ ପୀଠରେ ହେବାକୁ ଥିବା ଶୁଣାଣିର କିଛି ଦିନ ପୂର୍ବରୁ ଦେଶର ଆଟର୍ଣ୍ଣିଜେନେରାଲ କହିଥିଲେ ଯେ ନୀତିଗତ ପ୍ରସଙ୍ଗରେ ସୁପ୍ରିମକୋର୍ଟଙ୍କର ନିଷ୍ପତ୍ତି ନେବାର ଅଧିକାର ନାହିଁ । ଆଟର୍ଣ୍ଣିଜେନେରାଲଙ୍କ ଏହି ବୟାନ କ'ଣ ପ୍ରାସଙ୍ଗିକ ବା ଠିକ କି ? ମାନ୍ୟବର ସୁପ୍ରିମକୋର୍ଟ ଅନେକ ବାର ଦେଶର ନିର୍ବାଚ୍ନୀ ପ୍ରକ୍ରିୟାକୁ ସୁଧାରିବା ଦିଗରେ ନିଷ୍ପତ୍ତି ଶୁଣାଇଛନ୍ତି । ରାଜନୀତିରେ ଦାଗୀ ରାଜନେତାଙ୍କ ପ୍ରତିନିଧିତ୍ୱ ଉପରେ ଅଙ୍କୁଶ ମଧ୍ୟ ଲଗାଇଛନ୍ତି । ୨୦୦୩ରେ ମାନ୍ୟବର କୋର୍ଟ ରାଜନେତାମାନେ ସେମାନଙ୍କର ଅପରାଧିକ ପୃଷ୍ଠଭୂମି ସମ୍ପର୍କରେ ସମସ୍ତ ତଥା ସାର୍ବଜନୀନ କରିବାକୁ ମଧ୍ୟ ନିର୍ଦ୍ଦେଶ ଦେଇଥିଲେ । ଏହି ପ୍ରସଙ୍ଗରେ କୋର୍ଟ କହିଥିଲେ ଯେ ରାଜନେତାଙ୍କ ବାବଦରେ ସବୁ କଥା ଜାଣିବାର ଅଧିକାର ଲୋକଙ୍କର ରହିଛି । ନିର୍ବାଚ୍ନୀ ବଣ୍ଡ ପ୍ରସଙ୍ଗରେ ମଧ୍ୟ ଏକଥା ଲାଗୁହେବା କଥା । ନିର୍ବାଚ୍ନୀ ପ୍ରକ୍ରିୟାରେ ଖର୍ଚ୍ଚ ହେଉଥିବା ଅର୍ଥ ଆଇନ ସମ୍ମତ ସ୍ରୋତରୁ ଆସିବା ଉଚିତ ଓ ଏହା ଉପରେ ହିଁ ନିର୍ବାଚ୍ନର ଶୁଚିତା ନିର୍ଭର କରିଥାଏ । ଏଣୁ ଲୋକଙ୍କର ଏକଥା ଜାଣିବା ଦରକାର ଯେ ରାଜନୈତିକ ଦଳମାନେ କେଉଁ ସ୍ରୋତରୁ କେତେ ପରିମାଣର ଅର୍ଥ ଆଣିଛନ୍ତି ବା ଆଣୁଛନ୍ତି । ଉଲ୍ଲେଖନୀୟ ଯେ ଯେତେବେଳେ ସଂସଦରେ ନିର୍ବାଚ୍ନୀ ବଣ୍ଡ ପ୍ରସଙ୍ଗକୁ ଆଇନଗତ ମାନ୍ୟତା ଦିଆଯିବାର ପ୍ରୟାସ କରାଯାଉଥିଲା ସେତେବେଳେ ତତ୍କାଳୀନ ଅର୍ଥମନ୍ତ୍ରୀଙ୍କର ବୟାନ ଥିଲା ଯେ ଏହା ଆଇନରେ ପରିଣତ ହେଲେ ନିର୍ବାଚ୍ନ ପାଇଁ ଚାନ୍ଦା ଜୁଟାଇବାରେ ପାରଦର୍ଶିତା ଆସିବ ଓ ଭ୍ରଷ୍ଟାଚାର ଉପରେ ଅଙ୍କୁଶ ଲାଗିବ । କିନ୍ତୁ ଏ ପ୍ରସଙ୍ଗ ଏବେ କୋର୍ଟରେ ବିଚାରାଧୀନ ଥିବାବେଳେ ଆଟର୍ଣ୍ଣି ଜେନେରାଲ ଦେଇଥିବା ବୟାନର ତାତ୍ପର୍ଯ୍ୟ କ'ଣ ? ଏକଥା ନିଶ୍ଚୟ ଯେ ରାଜନୈତିକଦଳମାନେ ଶିଳ୍ପପତିମାନଙ୍କଠାରୁ କେତେ ଚାନ୍ଦା ଆଣୁଛନ୍ତି ସେକଥା ସାଧାରଣ ଲୋକେ ଜାଣିବା ଆବଶ୍ୟକ । ଶିଳ୍ପପତିମାନେ ଶାସନ ବା ରାଜନୀତିରଅପହାଓ୍ୱାକୁମାପିଚୁପି ରାଜନୈତିକ ଦଳମାନଙ୍କୁ ଚାନ୍ଦା ଦେଇଥାନ୍ତି । ଏହା ଗୋଟିଏ ପକ୍ଷରେ ସେମାନଙ୍କର ଆର୍ଥିକ ନିବେଶ ଯାହା କାଳାନ୍ତରରେ ଗଣତନ୍ତ୍ରରେ ପୁଞ୍ଜିତନ୍ତ୍ରର ପୋଷଣ ହୋଇଥାଏ । ନିର୍ବାଚ୍ନୀ ବଣ୍ଡକୁ ନେଇ ଆଇନଗତ ପ୍ରାବଧାନ ହେଉଛି ଚାନ୍ଦା ଦେଉଥିବା ବ୍ୟକ୍ତି ଡିଜିଟାଲ ପଇଠ କରି ଷ୍ଟେଟ ବ୍ୟାଙ୍କରୁ ବଣ୍ଡ କ୍ରୟ କରିଥାଏ । ସରକାରୀ ଦଳକୁ ମିଳୁଥିବା ଚାନ୍ଦା ବାବଦରେ ବିରୋଧୀ ଦଳମାନେ ସଂପୂର୍ଣ୍ଣସୂଚ୍ନା ପାଇପାରନ୍ତି ନହିଁ। ଶାସକ ଦଳକୁ ଅଧିକ ଚାନ୍ଦା ମିଳିଥାଏ ଓ ଏହାର ଫାଇଦା ଶାସକ ଦଳ ଉଠାଇଥାଏ । ଏକ ତଥ୍ୟ ଅନୁସାରେ ନିର୍ବାଚ୍ନୀ ଚାନ୍ଦାରେ ମିଳୁଥିବା ଚାନ୍ଦାର ଦୁଇ ତୃତୀୟାଂଶ ଚାନ୍ଦା ଶାସକ ଦଳକୁ ମିଳୁଛି ।

ଏବେ ଦେଶରେ ଏମିତି ଏକ ଅବସ୍ଥା ସୃଷ୍ଟି ହୋଇଛି ଯେ ନିର୍ବାଚ୍ନ କମିଶନଙ୍କ ଦ୍ୱାରା ଧାର୍ଯ୍ୟବ୍ୟୟର ସୀମାଠାରୁ ଅଧିକ ଅର୍ଥ ନିର୍ବାଚ୍ନରେ ପ୍ରାର୍ଥୀମାନେ ବ୍ୟୟ କରୁଛନ୍ତି । ଏ ବାବଦରେ ସମସ୍ତେ ଜାଣନ୍ତି । ପ୍ରାର୍ଥୀମାନେ ନିର୍ବାଚ୍ନରେ ଯେଉଁ ଅର୍ଥ ବ୍ୟୟ କରୁଛନ୍ତି ତାହା ଆସୁଛି କେଉଁଠୁ ?ଏସବୁ ବାବଦରେ ଲୋକଙ୍କର ଜାଣିବାର ଅଧିକାର ଅଛି ନା ନାହିଁ ସେବାବଦରେ ତର୍ଜମା କରାଯିବା ଆବଶ୍ୟକ । ଲୋକେ ସଚେତନ ହେବା ଜରୁରୀ ଏଥି ସହିତ ଚାନ୍ଦା ପ୍ରକ୍ରିୟାକୁ ପାରଦର୍ଶୀ କରାଯିବା ମଧ୍ୟ ଜରୁରୀ । ଏପ୍ରସଙ୍ଗରେ ଦେଶର ସବୁଠାରୁ ବଡ ଆଇନ ଅଧିକାରୀ ବା ଆଟର୍ଣ୍ଣି ଜେନେରାଲ ଦେଇଥିବା ମନ୍ତବ୍ୟ ଗଣତନ୍ତ୍ର ପାଇଁ ଝଟକା ନିଶ୍ଚୟ ।

*ରାମଚନ୍ଦ୍ରପୁର,ରଣପୁର ମୋ- ୯୪୩୮୪୮୫୦୯୪*

# ବନ୍ଦୀ ଶୈଶବ ଓ ଅସହାୟ ବାର୍ଦ୍ଧକ୍ୟ



ଭାସ୍କର ବାରିକ୍

ସମୟ ପାଖାପାଖି ଅପରାହ୍ନ ପାଞ୍ଚଟା ତିରିଶ ହେବ । ଛୋଟ ଛୋଟ ପିଲା ଦୁଇଜଣ ରାସ୍ତା କଡ଼ରେ ଖୁସିରେ ଖେଳୁଛନ୍ତି । ହସୁଛନ୍ତି ମନଖୋଲା ହସ । ଫୁଙ୍ଗୁଳା ଦେହ, ପିନ୍ଧିଛନ୍ତି କେବଳ ଗୋଟିଏ ଗୋଟିଏ ଚିରାଫଟା ପ୍ୟାଣ୍ଟ୍ । ବୋଧହୁଏ ପାଖ ବସ୍ତିରେ ରୁହନ୍ତି । ପିଲାମାନଙ୍କର ଖେଳ କୌତୁକର ନିଆରା ମଜା କିଛି ଦୂରରେ ଠିଆ ହୋଇ ନିର୍ନିମେଷ ନୟନରେ ଦେଖୁଥାନ୍ତି ଜଣେ ଖୁବ୍ ବୟସ୍କ ବ୍ୟକ୍ତି । ବୋଧହୁଏ ମନେ ପକାଉଛନ୍ତି ନିଜର ଅତୀତର ସୁବର୍ଣ୍ଣ ପିଲାଦିନ ଅବା କିଛି ହଜିଲା ଅତୀତ । ପାଖ ପାନ ଦୋକାନରେ ଠିଆହୋଇ ମୁଁ ବି ଦେଖୁଥିଲି ପିଲା ଦୁଇଜଣଙ୍କର ଖେଳ ଓ ଲକ୍ଷ କରୁଥିଲି ମଉସାଙ୍କ ହାବଭାବକୁ ।କାହିଁକି କେଜାଣି ଇଛା ହେଲା ସେହି ମଉସାଙ୍କ ସହିତ କଥା ହେବା ପାଇଁ । ପାନ ଦୋକାନରୁ ବାହାରି ଆସି ଠିଆ ହେଲି ମଉସାଙ୍କ ପାଖରେ । କ'ଣ କଥା ହେବି ଭାବୁଛି , ମୋତେ ପାଖରେ ଦେଖି ହଠାତ୍ ମଉସାଙ୍କ ମୁହଁରୁ ଶୁଣିଲି,ଦେଖୁଛ ପୁଅ ପିଲାମାନେ କେତେ ଖୁସିରେ ଖେଳୁଛନ୍ତି । ଏମିତି ଖୁସି ଆଉଥରେ ଫେରି ଆସନ୍ତାନି ଜୀବନରେ । ଏ ପିଲା ଦୁଇଜଣଙ୍କର ଖେଳ ଦେଖି ମୋର ପିଲାଦିନର କଥା ଓ ନିଜର ନାତି ନାତୁଣୀଙ୍କ କଥା ମନେ ପଡିଗଲା । ସେଇଥିପାଇଁ ଟିକେ ଠିଆ ହେଇଥିଲି । ବୁଝିଲ ପୁଅ,ଆମ ପିଲାଦିନେ ଆମେ କେତେ ପ୍ରକାର ଖେଳ ଖେଳୁଥିଲୁ । ଆଜିକାଲିର ପିଲାଙ୍କ ପରି ଆମ ପିଲାଦିନ ନଥିଲା । ମୁକ୍ତ ବିହଙ୍ଗଟେ ପରି ଆମେ ଖୋଲା ଆକାଶରେ ଉଡି ବୁଲୁଥିଲୁ । କିନ୍ତୁ ଜୀବନର ଶେଷଭାଗରେ ଆଜି ଅନୁଭବ କରୁଛି ଆଜିର ସୁବିଧାବାଦୀ ସ୍ୱାର୍ଥପର ଦୁନିଆଁରେ ପିଲାମାନେ କେମିତି ଶୈଶବରୁ ଶିକୁଳିରେ ବନ୍ଧା ହେଇ ଯାଉଛନ୍ତି ।ଅଢେଇରୁ ତିନି ବର୍ଷ ହେଇଗଲେ, ଯାଉଛନ୍ତି ବିଦ୍ୟାଳୟକୁ କାନ୍ଧରେ ବ୍ୟାଗ୍ ଧରି । ପୁରା ଶଗଡ଼ ଗୁଳାରେ ଚାଲୁଛି ଜୀବନ । ବହିରେ ଯାହା ଲେଖା ଯାଇଛି ସେତିକି । ଶୁଆଟିଏ ଭଳି ଘୋଷି ଦିଅ, ପରୀକ୍ଷାରେ ପୁରା ଶହେରୁ ଶହେ ନମ୍ବର ଆଣ । ପିଲାମାନେ କେତେ ଖୁସି ସେକଥା ଛାଡ଼, ବାପାମାଆ ପୁରା କୃତ୍ୟ କୃତ୍ୟ ଖୁସିରେ । ଆମ ଛୁଆ ଅତ୍ୟନ୍ତ ମେଧାବୀ । ପାଖ ଘର ପିଲାଟି ଯଦି କମ୍ ନମ୍ବର ରଖିଲା, ତାହେଲେ ଆରମ୍ଭ ହେଲା ତା ଉପରେ ମାନସିକ ଅତ୍ୟାଚାର । ପୁରୁଣା କାଳିଆ ଶାଶୁ ଟିକେ ଟିକେ କଥାରେ ବହୁକୁ ଖୁଣ୍ଟା ଦେଲା ଭଳି କଥା । ତୁ କ'ଣ ବୁଝି ପାରୁନୁ। ଆଜିକାଲି ଯୁଗ ଯାହା ହେଲାଣି, ପାଠ ନପଢିଲେ ମଣିଷ ହେବୁ କେମିତି । ଅମୁକ ବାବୁଙ୍କ ପୁଅ କେମିତି ପଢୁଛି । ସେ ତ ତୋରି ଭଳିଆ ପିଲା । ସେ ଶ୍ରେଣୀରେ ପ୍ରଥମ ହେଉଛି ଆଉ ତୁ ? ଏମିତି କେତେ କ'ଣ । କେହି ବୁଝୁ ନାହାଁନ୍ତି ପିଲାଟିର ମାନସିକ ଅବସ୍ଥା ଓ ସ୍ଥିତି ବିଷୟରେ ।ଅପରିପକ୍ୱ ସରଳ ବୟସରେ ଅସମ୍ଭବ ଅସହ୍ୟ ଚାପ ।ପାଠପଢା ପାଇଁ ବିଦ୍ୟାଳୟ ପରେ ଟିୟୁସନ୍ ପରେ ଟିୟୁସନ୍ । ପୁଣି ନାଚ୍, ଗୀତ,ବାଜା ଇତ୍ୟାଦିରେ ପାରଙ୍ଗମ ହେବା ପାଇଁ ଧାଁ ଧପଡ । କେମିତି ଶ୍ରେଣୀରେ ପ୍ରଥମ ହେବେ, ଅଧିକରୁ ଅଧିକ ନମ୍ବର ରଖିବେ, ସେଥିପାଇଁ ବାପାମାଆଙ୍କର କେତେ ଚିନ୍ତା । ଆଜିକାଲି ପିଲାଙ୍କ ଭାଗ୍ୟରେ ଶୈଶବକୁ ମନଭରି ଉପଭୋଗ କରିବାର ସୁଯୋଗ ନାହିଁ ।ବ୍ରଏଲର କୁକୁଡା ଭଳି ବଢୁଛନ୍ତି । ବାହାରକୁ ଧୋବ ଫରଫର କିନ୍ତୁ ଭିତରେ ଫମ୍ପା । ନୈତିକତା ଓ ମୂଲ୍ୟବୋଧର ଅଭାବ ।ପିଲାର ଇଛା ଅନିଚ୍ଛା ପ୍ରତି କାହାର ନିଘା ନାହିଁ । ଜେଜେବାପା ଜେଜେ ମାଆର ସ୍ନେହ ମମତା ଓ କାହାଣୀ ପେଡିରୁ ଅଧିକାଂଶ ପିଲା ବଂଚିତ । ବୁଢୀ ଅସୁରୁଣୀ ଗପ,ରାଜା ରାଣୀ କାହାଣୀ , ବଉଳା ଗାଈ ଓ ବାଘର କାହାଣୀ ଭିତରେ ଥିବା ନୈତିକତା ,ଦାନବୀର ରାଜା ହରିଶ୍ଚନ୍ଦ୍ର ଓ ନଳ ରାଜାଙ୍କ ଦାନ ଓ ବଦାନ୍ୟତା,ବୀର ଅର୍ଜୁନ, କର୍ଣ୍ଣଙ୍କ ପରି ଯୋଦ୍ଧାଙ୍କର ବୀରତ୍ୱର ଗାଥା ଶୁଣିବାର ସୌଭାଗ୍ୟ ନାହିଁ ଆଜିର ପିଲାଙ୍କ ପାଖରେ ।ନିଜର ପ୍ରଥା ପରମ୍ପରା ସଂସ୍କୃତି ପର୍ବ ପର୍ବାଣୀ ବିଷୟରେ ପିଲା କିଛି ଜାଣୁନି । ପାଲା, ଦାସକାଠିଆ,ଚ଼ଢେଆ ଚ଼ଡେଆଣି ନାଚ୍, କଣ୍ଢେଇ ନାଚ୍ ପିଲା ପାଇଁ ସ୍ୱପ୍ନ । ନୈତିକତାର ଶିକ୍ଷା ନାହିଁ । ପିଲା ଭଲ ମଣିଷ ହେବ କେମିତି ?ସଜ ପିଜୁଳି, ଜାମୁକୋଳି, ବରକୋଳି, କାନକୋଳି,ତାଳସଜ ଇତ୍ୟାଦି ଆମ ପିଲାଦିନେ କେତେ ମଜାରେ ଆମେ ଖାଉଥିଲୁ କେତେ ସାଙ୍ଗ ମିଶି ନିଜ ବାଡିରୁ ତଥା ପଡିଶା ଘରର ବାଡିରୁ । ଏ ଖୁସି ଆଉ ନାହିଁ । ନଟୁ ଖେଳ,ବାଟି ଖେଳ,ଗଛ ବାଗୁଡି, କବାଡି,ଗୋଟି ଡାବୁଳ ଆହୁରି କେତେ କ'ଣ ଖେଳ ଖେଳି ସନ୍ଧ୍ୟାରେ ଘରକୁ ଫେରୁଥିଲୁ । କୁଆଡେ ଗଲା ସେ ଦିନ ସବୁ !!!

ଶୁଣୁଥିଲି ମଉସାଙ୍କ ହୃଦୟର କଥା ଓ ବୁଝୁଥିଲି ମନର କ୍ଷୋଭ । ସେ ଟିକେ ଅଟକିଲା ପରେ ପଚାରିଲି,ମଉସା ଆପଣ ଯେଉଁ ନାତି ନାତୁଣୀଙ୍କ କଥା ପ୍ରଥମେ କହୁଥିଲେ, ସେମାନ କ'ଣ ଏମିତି ସବୁ ପିଲାଙ୍କ ଭଳିଆ ବଢୁଛନ୍ତି ନା ଆମେ ଦେଖୁଥିବା ଓ ଶୈଶବକୁ ମନଭରି ଉପଭୋଗ କରୁଥିବା ଏହି ଛୋଟ ପିଲା ଦୁଇଟି ଭଳି ଖୁସିରେ ପାଠ ପଢିବା ସହିତ ଶୈଶବକୁ ଉପଭୋଗ କରୁଛନ୍ତି । ମୋ କଥାରେ ମଉସା ଜଣଙ୍କର ଆଖି ଓଦା ଓଦା ଦେଖାଗଲା । ଆଖିରୁ ମୋଟା ଚ଼ଷମା କାଢ଼ି ଲୁହ ପୋଛିଲେ । ଦୋଷୀ ଦୋଷୀ ଲାଗିଲା ମୋତେ କିନ୍ତୁ ମୁଁ ଜାଣି ପାରୁନଥିଲି କ'ଣ ଭୁଲ୍ କଲି । ହାତଯୋଡି କହିଲି, ମୋ ଅଜାଣତରେ ଯଦି ମୁଁ ଆପଣଙ୍କୁ ଦୁଃଖ ଦେଇଛି ମୋତେ କ୍ଷମା କରିବେ ମଉସା ।ପାକୁଆ ପାଟିରେ ସାମାନ୍ୟ ହସିଲେ ଓ ମୋ ମୁଣ୍ଡରେ ହାତ ରଖି ଆଶିର୍ବାଦ କରିବା ଭଙ୍ଗୀରେ କହିଲେ, ନାହିଁ ବାବା ତମେ କିଛି ଭୁଲ୍ କରିନ । ଜୀବନରେ ଭୁଲ୍ ମୁଁ କରିଛି ଅଧିକାଂଶ ଆଧୁନିକ ବାପାମାଆଙ୍କ ଭଳି । ଗୋଟିଏ ବୋଲି ପୁଅ ମୋର । ସରକାରୀ ଚ଼ାକିରୀ ଗୋଟେ କରିଥିଲି । ମୋ ପୁଅ କେମିତି ଭଲ ବିଦ୍ୟାଳୟରେ ପଢିବ ଓ ଆଗକୁ ଯିବ, ତା'ର ସମସ୍ତ ବ୍ୟବସ୍ଥା କରିଥିଲି । ପୁଅର ପାଠପଢ଼ା ପାଇଁ ବୁଢ଼ା ବୟସରେ ନିଜ ବାପାମାଆଙ୍କୁ ବି ଅବହେଳା କରିଛି । ବର୍ଷ ବର୍ଷ ଧରି ଗାଁ କୁ ଯାଇନି । ଯେଉଁ ପୁଅ ପାଇଁ ମୁଁ ସବୁକିଛି ଭୁଲି, ତାକୁ ମଣିଷ କଲି , ସେହି ପୁଅ ଏବେ ଆମେରିକାରେ । ନିଜ ଇଚ୍ଛାରେ ବାହା ହେଇଛି ଜଣେ ଆମେରିକୀୟ ଝିଅକୁ । ଏବେ ସେ ଦୁଇଟି ପିଲାର ବାପା । ସେ ଦେଶର ନାଗରିକତା ବି ପାଇ ସାରିଲାଣି । କେବେ କେମିତି ଭିଡିଓ କଲ୍ କରି ନାତି ନାତୁଣୀଙ୍କୁ ଦେଖାଏ । ଆଉ ଏଠାକୁ ଫେରିବାର ଆଶା ପ୍ରାୟ ନାହିଁ । ଜୀବନର ଅନ୍ତିମ ମୁହୁର୍ତ୍ତରେ ଆମେ ବୁଢ଼ା ବୁଢ଼ୀ ଦୁଇଜଣ । ସାହା ଭରଷା କେହି ନାହାଁନ୍ତି । କେବଳ ଈଶ୍ୱର ଭରଷା । ପୁଅ କହୁଛି ଭାରତ ଛାଡ଼ି ଆମେରିକା ଚ଼ାଲି ଯିବାକୁ । ଯେଉଁ ପୁଅକୁ ମଣିଷ କରିଥିଲି ଭାରତ ମାଆର ସେବା କରିବା ପାଇଁ,ସେ ମଣିଷ ହେବା ପରେ ଆମେରିକାର ସେବା କରୁଛି ଆଉ ମୋତେ କହୁଛି ମୋ ଦେଶ ଛାଡ଼ି ସେ ଦେଶକୁ ଚ଼ାଲିଯିବାକୁ । ଜନ୍ମ ନେଇଛି ଏ ପବିତ୍ର ଭାରତବର୍ଷରେ ,ମରିବି ବି ଏହି ପବିତ୍ର ମାଟିରେ । ମୁଁ କାହିଁକି ତା ପାଖକୁ ଯିବି ? ଯେତେଦିନ ଯାଏ ନିଜ କାମ ନିଜେ କରି ପାରୁଛୁ, ଠିକ୍ ଅଛି । ଯେବେ ଅନୁଭବ କରିବୁ,ଆଉ ନୁହଁ, ପୁଅ ପାଇଁ ତିଆରି କରିଥିବା କୋଠାଘରଟିକୁ ବିକ୍ରି କରିଦେଇ କେଉଁ ଗୋଟେ ଅନାଥାଶ୍ରମକୁ ଚ଼ାଲିଯିବୁ ଦୁଇଜଣ । ମଉସାଙ୍କ କଥା ଶୁଣି ହୃଦୟ ମୋର ଭାରି ଭାରି ଲାଗୁଥିଲା । ଭାବୁଥିଲି କେଉଁଠି ରହୁଛି ଭୁଲ୍ ଯେଉଁଥି ପାଇଁ ଉଭୟ ଶୈଶବ ଓ ବାର୍ଦ୍ଧକ୍ୟ ଏକ ପ୍ରକାର ଅସହାୟତାର ଶୀକାର ହେଉଛି ।

*ବାସୁଦେବପୁର, ଭଦ୍ରକ ଦୂରଭାଷ ୯୪୩୭୩୨୦୩୫୦*

# ପଥଭ୍ରଷ୍ଟ ମାନବ ପାଇଁ ପଦେ



ଅନୀତା ପଟ୍ଟନାୟକ

କଥାରେ ଅଛି, ନ ସୁଖ ଲଭ୍ୟତେ ସୁଖମ। ଏହାର ଅର୍ଥ ପ୍ରକୃତ ସୁଖ ଭୌତିକ ସୁଖ ମାଧ୍ୟମରେ ମିଳେନାହିଁ। କର୍ତ୍ତବ୍ୟ ଜ୍ଞାନରେ କରାଯାଉଥିବା କର୍ମ / କର୍ତ୍ତବ୍ୟ ଓ ଉତ୍ସର୍ଗଭାବ ଦ୍ୱାରା ଆବର୍ଜନା, ଶଂସୟ ଓ ମୋହରୁ ମୁକ୍ତି ମିଳିବା ସମ୍ଭବପର ହୋଇଥାଏ। ଶୁଦ୍ଧ ବୁଦ୍ଧି ଓ ନିର୍ମଳତା ସାହାଯ୍ୟରେ ବିଶ୍ୱର ଏକତ୍ୱ ସମ୍ଭବପର ହୋଇଥାଏ। ସର୍ବଂ ବିଷ୍ଣୁମୟଂ ଜଗତଂ, ଈଶାବାସ୍ୟ ଇଦମ ସର୍ବଂ ଏହି ଉକ୍ତିକୁ ଉପଲବ୍ଧି କରିହୁଏ। ବର୍ତ୍ତମାନ ସମୟରେ ଦୂରଦର୍ଶନରେ ଅନେକଥର ରାମାୟଣ ପ୍ରସାରିତ କରାଗଲାଣି, ହେଲେ ରାମାୟଣରେ ଦର୍ଶାଯାଇଥିବା ମନ୍ଥରାର କ୍ରୋଧ, ସୂର୍ପଣଖାର କାମଭାବ, ଲକ୍ଷ୍ମଣଙ୍କର ତ୍ୟାଗଭାବ, ରାମଙ୍କର ବୈରାଗ୍ୟ ଭାବ, ସୀତାଙ୍କର ଏକ ପତ୍ନୀ ବ୍ରତ, ଏସବୁକୁ କେହି ଅନୁଧ୍ୟାନ କରୁନାହିଁ। ଦୁଷ୍ଟ ପ୍ରଭାବରୁ ମନକୁ କିପରି ନିୟନ୍ତ୍ରଣ କରାଯିବ ତାହା ରାମାୟଣରେ ସୂଚନା ଦିଆଯାଇଥିଲେ ମଧ୍ୟ ତାହାକୁ କେହି ଅନୁସରଣ କରନ୍ତି ନାହିଁ।

ସେଥିପାଇଁ କିଛି କିଛି ପଇସା ସଞ୍ଚୟ କରି ମୋର ସ୍ୱାମୀ ଓ ମୁଁ, ମୋର ପୁଅଝିଅ ପୁରୀ ଅଭିମୁଖେ ବାହାରିଲୁ। ବସରେ ଯାଉଥିବା ସମୟରେ ଅନେକ ଯାତ୍ରୀଙ୍କ ସହ କଥୋପକଥନ ହେଲା ଆମ ପାଖରେ ବସିଥିବା ଜଣେ ଯାତ୍ରୀ ଆଉ ଜଣେ ଯାତ୍ରୀକୁ ବଡ଼ ପାଟିରେ କହୁଥାଏ ଏ ଲୋକ ଗୁଡ଼ିକ ପାଗଳ ହୋଇଗଲେଣି। ମନ୍ଦିର ବେଢ଼ା ପରିକ୍ରମା ପାଇଁ ନିର୍ମାଣ କାର୍ଯ୍ୟ ଚାଲୁଛି ତେଣୁ ସିଂହଦ୍ୱାର ଛଡ଼ା ଅନ୍ୟ ଦ୍ୱାରରେ ଯିବା ନିଷିଦ୍ଧ କରାଯାଇଛି। ଲୋକେ ବର୍ତ୍ତମାନ ଘଣ୍ଟା ଘଣ୍ଟା ଧରି କଷ୍ଟ କରି ଠିଆ ହେଉଛନ୍ତି। ମନଭରି ଜଗନ୍ନାଥଙ୍କୁ ଦେଖିବାର ସୁଯୋଗ ପାଉନାହାଁନ୍ତି। ମୋର କଣ ନଥିଲା ? ଧନ ସଂପତ୍ତି, ପ୍ରତିପତ୍ତି, ସ୍ତ୍ରୀ ସବୁକିଛି ଜଗନ୍ନାଥ ଛଡ଼ାଇ ନେଇଥିବାରୁ ଓ ମତେ ଦାଣ୍ଡର ଭିକାରୀ କରି ଦେଇଥିବାରୁ ମୁଁ ଆଜିକାଲି ଆଉ ଜଗା ଦର୍ଶନ କରୁନାହିଁ। ଏକଥା ମୋ ପୁଅ ମନକୁ ବଡ଼ ପାଇଲା। କହିଲା ବାପା ଏତେ କଷ୍ଟ କରିବା କାହିଁକି ? ଅନ୍ୟତ୍ର କେଉଁଆଡ଼େ ବୁଲି ଯାଇଥିଲେ ଭଲ ହୋଇଥାନ୍ତା। ଏତେ କଷ୍ଟ କରିବା ଅପେକ୍ଷା ସବୁକିଛି ହରାଇବା ଅପେକ୍ଷା ସମୁଦ୍ର କୂଳ ବୁଲି ହୋଟେଲରେ ଖାଇ, କୋଣାର୍କ, ଚନ୍ଦ୍ରଭାଗା ବୁଲି ଆସିଲେ ଭଲ ଲାଗିବ। ଝିଅ ରୂପା ମନକୁ ମଧ୍ୟ ଭାଇର କଥା ଭଲ ପାଇଲା। ସେ କହିଲା ବାପା! ସମୁଦ୍ରକୂଳ ବୁଲି ସିଧା ଭୁବନେଶ୍ୱରକୁ ଫେରି ନନ୍ଦନକାନନକୁ ଯିବା। ଆଜି ମୋର ଅନେକ ସାଙ୍ଗ ସେଠାରେ ବଣଭୋଜି କରୁଛନ୍ତି। କିନ୍ତୁ ତୁମର ଏହି ଆଧାତ୍ମିକ ପର୍ଯ୍ୟଟନ ମତେ ଭଲ ଲାଗୁନାହିଁ। ମୁଁ ସେମାନଙ୍କୁ ସାନ୍ତ୍ୱନା ଦେଇ କହିଲି ଭକ୍ତି ଓ ସମର୍ପଣ ଭାବକୁ ଛାଡ଼ି ଛୋଟ ପିଲା ତାର ଖେଳନା ଖେଳିବାକୁ ଭଲ ପାଆନ୍ତି। ଖେଳନା ଭାଙ୍ଗିଗଲେ ସେମାନେ କାନ୍ଦନ୍ତି। ସେହିପରି କ୍ଷମତା ସୌଭାଗ୍ୟ, ପରିବାର ରୂପକ ଖେଳନାକୁ ପାଇ ମନୁଷ୍ୟ ଭଗବାନଙ୍କୁ ଭୁଲିଯାଏ ଓ ଏଗୁଡ଼ିକ ଚାଲିଗଲେ ସେ ନିଜର କ୍ଷମତା, ସୌଭାଗ୍ୟ ଓ ପରିବାରକୁ ଫେରି ପାଇବା ପାଇଁ ସେ କ୍ରନ୍ଦନ କରେ ଓ ମୋ ପ୍ରଭୁ ଜଗନ୍ନାଥଙ୍କୁ ନିନ୍ଦା କରେ। ତେଣୁ ମୁଁ ଜଗା ଦର୍ଶନ ବିନା ଅନ୍ୟ କେଉଁଆଡ଼େ ଯିବିନାହିଁ। ମୋର ସ୍ୱାମୀ କହିଲେ, ମନୁଷ୍ୟ ନିକଟରେ ଭାଷା, ବିବେକ, ଭକ୍ତିର ଅବର୍ଣ୍ଣନୀୟ ସନ୍ତୋଷ ଅଛି, କିନ୍ତୁ ସେ ଜୀବନକୁ କିପରି ବ୍ୟବହାର କରୁଛି ତାହାକୁ ଅନୁଧ୍ୟାନ କରୁନାହିଁ। ଅଗ୍ନିରେ ଦହନଶକ୍ତି ଥାଏ। ଜଳରେ ଆର୍ଦ୍ର କରିବାର ଶକ୍ତି ଥାଏ, ତେଣୁ କଷ୍ଟ କରି ପ୍ରଭୁଙ୍କର ଦର୍ଶନ କରିବାର ଶକ୍ତି ମନୁଷ୍ୟକୁ ଦିଆଯାଇଛି। ଏହାକୁ ତୁମେ ପିଲାମାନେ ଭୁଲିଯିବା ଉଚିତ ନୁହେଁ। ସାପ କାମୁଡ଼ାରେ କଷ୍ଟ ପାଉଥିବା ଲୋକକୁ ଲଙ୍କା ଚୋବାଇବାକୁ ଦିଆଯାଏ କାରଣ ବିଷର ପ୍ରକ୍ରିୟା ଚାଲିଥିବା ପର୍ଯ୍ୟନ୍ତ ଲଙ୍କାର ରାଗ ଲାଗେ ନାହିଁ। ସାଂସାରିକ ଇନ୍ଦ୍ରିୟ ବିଷ ଜୋର ଧରିଥିବା ପର୍ଯ୍ୟନ୍ତ ପୂଜା, ଜପ, ଧ୍ୟାନ ଶୁଷ୍କ ଲାଗେ ମଣିଷ ଖବରକାଗଜରେ ବାହାରିଥିବା ଗୁଜବ, ସହଯାତ୍ରୀଙ୍କର ଗୁଜବରେ ବିଶ୍ୱାସ କରେ। କିନ୍ତୁ ଶ୍ରୀକୃଷ୍ଣ ଗୀତାରେ ଅର୍ଜ୍ଜୁନଙ୍କୁ ଯେଉଁ ଶିକ୍ଷା ଦେଇଥିଲେ ଓ ବ୍ୟାସଦେବ ରଚନା କରିଥିବା କଥାକୁ ବିଶ୍ୱାସ କରିବାକୁ ନାରାଜ। ସମ୍ବାଦପତ୍ର ଇନ୍ଦ୍ରିୟ ମାନଙ୍କୁ ଖାଦ୍ୟ ଯୋଗାଇ ପାରୁଚି ଓ ଇନ୍ଦ୍ରିୟ ଭୋଗ, ବ୍ୟାକୁଳତାକୁ ତୁଷ୍ଟକରି ପାରୁଛି। କିନ୍ତୁ ଗୀତା ତ୍ୟାଗ ଓ ଶରଣାଗତି ଓ ଇନ୍ଦ୍ରିୟ ବାସନା ଉର୍ଦ୍ଧ୍ୱରେ ରହିବାକୁ ନିର୍ଦ୍ଦେଶ ଦେଉଥିବାରୁ ତାହା ଭଲ ଲାଗୁନାହିଁ। ଏହାକୁ ହିଁ ଅଜ୍ଞତା, ଦୁର୍ଭାଗ୍ୟଜନକ ଓ ପଥଭ୍ରଷ୍ଟ କୁହାଯାଏ। ରୂପା କହିଲା ମନ୍ଦିର ଭିତରେ ନଖାଇ ଏକ ବାତାନୁକୂଳ ହୋଟେଲରେ ଆମିଷ ଭୋଜନ କଲେ ଭଲ ହୋଇଥାନ୍ତା। ମୁଁ କହିଲି ରୋଗାକ୍ରାନ୍ତ ହୋଇଯିବା ପରେ ଆଉ ଦୁଃଖ କରି ଲାଭ କ'ଣ ? ସ୍ୱାସ୍ଥ୍ୟକୁ ନଷ୍ଟ କରିବାର ପ୍ରଥମ ଭୁଲ ପଦକ୍ଷେପ ନେଲାବେଳେ ବରଂ ଦୁଃଖ କରିବା ଉଚିତ। ମିତାହାର ଓ ମାତ୍ରାହାର ଅଭ୍ୟାସ କରିପାରିଲେ ଜଣେ ଆଧାତ୍ମିକ ଜୀବନର ଭିତ୍ତି ସ୍ଥାପନା କରିପାରିବ। ମାଦକ ଦ୍ରବ୍ୟ ସେବନ କଲେ, ବେଗ, ଆବେଗ, ବୃତ୍ତି, ପ୍ରବୃତ୍ତି ମନୋଭାବ କଥାବାର୍ତ୍ତା, ଚାଲିଚଳନ ସବୁ ଅସଜ୍ଜିତ ହୋଇପଡ଼େ। ମନୁଷ୍ୟ ପଶୁ ସ୍ତରକୁ ଖସିଯାଏ। ମାଂସହାର ଦ୍ୱାରା ପଶୁ ପ୍ରବୃତ୍ତି ଓ ପଶୁମାନଙ୍କର ରୋଗ ଦେଖାଯାଏ। ରାଜସିକ ସେବନ ଦ୍ୱାରା ମନ ଅବାଧ୍ୟ ହୁଏ। ତାମସିକ ଖାଦ୍ୟ ଯାହା ରୁଚିକର ସେଥିରେ ମନ ଆଉ ପୁର୍ନଗଠିତ ହୋଇପାରିନଥାଏ। ଆମର କି ଭାଗ୍ୟ ପୁରୀରେ ପହଞ୍ଚିବା କ୍ଷଣି ଶୁଣିଲୁ ଚାରି ଦ୍ୱାର ଖୋଲି ଦିଆଯାଇଛି। ସରକାର ଶାନ୍ତି ଶୃଙ୍ଖଳା ରକ୍ଷା କରାଇଥିବାରୁ ସୁନ୍ଦର ଜଗା ଦର୍ଶନ କରି, ଆନନ୍ଦ ବଜାରରେ ପେଟ ଭରି ଖାଇ ଜଗାର ଗୁଣକୁ ଗାନ କରି କରି ଘରକୁ ଫେରିଲୁ। କି ବିସ୍ମୟକର ଦେବତା।

ଅବସରପ୍ରାପ୍ତ ପ୍ରଧାପିକା, ସେକ୍ଟର-୧୦, ସିଡିଏ, କଟକ, ମୋ: ୯୬୯୨୯୮୦୦୨୬

# ଧନୁ ସଂକ୍ରାନ୍ତି



ଡକ୍ଟର ରାଜକିଶୋର ମିଶ୍ର

କୃଷିଭିତ୍ତିକ ଉତ୍କଳୀୟ ସଭ୍ୟତାରେ ପର୍ବପର୍ବାଣୀର ସ୍ଥାନ ସ୍ୱତନ୍ତ୍ର । ମାର୍ଗଶୀର ମାସରେ ଲକ୍ଷ୍ମୀପୂଜା ବା ମାଣବସା ଅବସରପରେ ପୌଷମାସର ଆରମ୍ଭରେ ଚାଷୀମାନେ ପରମ ଆନନ୍ଦରେ ମା'ଲକ୍ଷ୍ମୀ ଠାକୁରାଣୀଙ୍କୁ ଖଳାବାଡ଼ିରୁ ଆଦରକରି ଗୃହ ପ୍ରାଙ୍ଗଣକୁ ନେଇଥାନ୍ତି । ସଂଯୋଗ ବଶତଃ ଏହି ସମୟରେ ଆଖୁ ଅମଳ ମଧ୍ୟ ସରିଥାଏ । ତେଣୁ ସର୍କରାଯୁକ୍ତ ମିଶ୍ରିତ ପ୍ରସାଦରେ ତିଆରି ହୋଇଥିବା ମୁଆଁ ବା ଉଖୁଡ଼ା ଗୃହର ଆରଧଦେବତା ଓ ଧନଲକ୍ଷ୍ମୀଙ୍କ ପାଖରେ ନୈବେଦ୍ୟ ଅର୍ପଣ କରାଯାଇଥାଏ । ଅମାବାସ୍ୟା ଓ ପୂର୍ଣ୍ଣିମାକୁ ଧରି ଚନ୍ଦ୍ରଙ୍କ କଳାର କ୍ଷୟ ବୃଦ୍ଧି ସହିତ ଚାନ୍ଦ୍ରମାନ ଓ ସଂକ୍ରାନ୍ତି କଳାରେ ଓ ସୌରମାନ ମାସ ଆମର ପଞ୍ଜିକାରେ ଅନ୍ତର୍ଭୁକ୍ତ । ''ଧନୁ ମାସ ହେଲା ହନୁ ନଚଳିଲା କହିବାକୁ ବଡ଼ ଲାଜ, ମୁଁ ଆଁ କରିଅଛି, ମୁଆଁ ଖାଇବାକୁ ଆଜ୍ଞା ହେଉ ମହାରାଜ ।'' ଉତ୍କଳଘଣ୍ଟହାସ୍ୟରସିକ କବି ଯଦୁମଣିଙ୍କର ରାଜନଙ୍କୁ ଏ ଉକ୍ତି ସୂଚୀତ କରେ, ଧନୁ ବା ପୌଷ ମାସରେ ଧନୁ ମୁଆଁ ଖାଇବା ସତେ ଯେପରି ଏକ ବୈଧାନିକ ବ୍ୟବସ୍ଥା, ଏବଂ ତହିଁରେ ବ୍ୟତିକ୍ରମ ହେତୁ କବିଙ୍କର ଏ ଖେଦ ! ପୁଷ ମାସରେ ଧାନ ଅମଳ ପରେ 'ଉଖୁଡ଼ା' ବା 'ମୁଆଁ'ର ପ୍ରସ୍ତୁତି ଓଡ଼ିଶୀ ଚଳଣିର ଏକ ବିଶେଷତ୍ୱ ଧନୁ ସଂକ୍ରାନ୍ତୀର ପ୍ରସିଦ୍ଧ ମୁଆଁ ଭୋଗ ପାଇଁ । ଏହି କ୍ରମରେ ଧନୁସଂକ୍ରାନ୍ତି ଡିସେମ୍ବର ୧୫ ବା ୧୬ ତାରିଖରେ ପଡୁଥିବାରୁ ଏହା ସୂର୍ଯ୍ୟଙ୍କ ଦକ୍ଷିଣାୟନ ସମୟରେ ଅର୍ନ୍ତଭୁକ୍ତ । ଏହି ଦିବସଠାରୁ ପୁରୀ ଶ୍ରୀମନ୍ଦିରେ ଶ୍ରୀ ଜଗନ୍ନାଥଙ୍କ ପହିଲି ଭୋଗ ଆରମ୍ଭ ହୋଇ ଉତ୍ତରାୟଣ ସଂକ୍ରାନ୍ତି ଜାନୁୟାରୀ ୧୪ ତାରିଖରେ ବା ମକର ସଂକ୍ରାନ୍ତି ପର୍ଯ୍ୟନ୍ତ ଚାଲିଥାଏ । ସୂଚନାଯୋଗ୍ୟ ଶ୍ରୀ ଶ୍ରୀ ଜଗନ୍ନାଥ ଦେବଙ୍କର କର୍କଟ ସଂକ୍ରାନ୍ତି ଜୁଲାଇରେ ଦକ୍ଷିଣାୟନ ବନ୍ଦପନା ଓ ମକର ସଂକ୍ରାନ୍ତି ଜାନୁୟାରୀରେ ଉତ୍ତରାୟଣ ବନ୍ଦାପନା ହୋଇଥାନ୍ତି । ଜ୍ୟୋର୍ତିବିତ୍‌ଙ୍କ ମତରେ ଧନୁ ସଂକ୍ରାନ୍ତିରୁ ଧନୁ ରାଶିର ଆର୍ବିଭାବ ସମ୍ପର୍କରେ କୁହାଯାଇଛି ପୌଷ ମାସର ଧନୁ ସଂକ୍ରାନ୍ତି ରାତ୍ରି ଘ୪/୨୨ ମିନିଟ୍ ସମୟେ ସଂକ୍ରମଣାତ୍ ପରଦିନ ବୁଧବାର ସୂର୍ଯ୍ୟୋଦୟ ଠାରୁ ଦିବାର୍ଦ୍ଧ ମଧ୍ୟେ ପୁଣ୍ୟକାଳ । କେବଳ ସେତିକି ନୁହେଁ, ପୌଷମାସର ଶୀତ ପ୍ରଭାତରେ ପ୍ରଭାତୀ ଧୂପ ଖେଚୁଡ଼ୀର ବ୍ୟବସ୍ଥା କେବଳ ଶ୍ରୀକ୍ଷେତ୍ରସ୍ଥ ଶ୍ରୀମନ୍ଦିର କାହିଁକି, କେନ୍ଦ୍ରାପଡ଼ା ତୁଳସୀକ୍ଷେତ୍ରର ବଳଦେବଜୀଉ ଓ ଅନ୍ୟାନ୍ୟ ଦେବମନ୍ଦିର ତଥା ମଠବାଡ଼ିମାନଙ୍କରେ ଖଞ୍ଜା ଯାଇଛି । ଜଗନ୍ନାଥ ତ ଆମ ଓଡ଼ିଶୀ ସଂସ୍କୃତିର ପ୍ରତୀକ । ସେ ବଡ଼ ଭୋଗଲାଳସୀ । ପ୍ରସାଦର ଉପଭୋଗକୁ ଆମେ 'ଭୋଗ' କହିଥାଉଁ । ଏହି ଖାଦ୍ୟଦ୍ରବ୍ୟ ପ୍ରତି ଗୁରୁତ୍ୱ ଦେବା ମୂଳରେ ଉପନିଷଦର 'ଅନ୍ନ ହିଁ ବ୍ରହ୍ମ' ବାଣୀ ଯେ ଉଦ୍‌ଘୋଷିତ ଏଥିରେ ସନ୍ଦେହ ନାହିଁ । କାରଣ ଭାଗବତରେ ଉକ୍ତି ହେଉଛି – ''ଅନ୍ନ ବିହୁନେ ହଂସ ହାନି, ଯୋଗ ସାଧିବୁ କାହା ଘେନି ।'' ତେଣୁ ''ଅନ୍ନର ମୂଳେ ଏ ଜଗତ, ସର୍ବଦା ହୋଏ ଆତଯାତ'' ଉକ୍ତି ପ୍ରଣିଧାନ ଯୋଗ୍ୟ ଏବଂ ଏତଦୃଷ୍ଟେ ଧନୁମୁଆଁର ଗୁରୁତ୍ୱ ବର୍ଷକ ମଧ୍ୟରେ ଧନୁସଂକ୍ରାନ୍ତିକୁ ହିଁ ସ୍ମରଣୀୟ କରି ରଖିଅଛି । ହିନ୍ଦୁ ପୁରାଣ ଅନୁଯାୟୀ ସୂର୍ଯ୍ୟଦେବ ଯେଉଁ ଦିନ ଧନୁରାଶିରେ ପ୍ରବେଶ କରନ୍ତି ସେହି ଦିନଟିକୁ ଧନୁ ସଂକ୍ରାନ୍ତି କୁହାଯାଏ। ଭକ୍ତମାନେ ପବିତ୍ର ନଦୀ ମାନଙ୍କରେ ସ୍ନାନ କରି ସୂର୍ଯ୍ୟଦେବଙ୍କର ପୂଜାର୍ଚ୍ଚନା କରିଥାନ୍ତି। କଥାରେ ଅଛି ଯେଉଁ ବ୍ୟକ୍ତି ସେ ଦିନ ସ୍ନାନ କରିଥାଏ ତାର ସମସ୍ତ ପାପ ଖଣ୍ଡନ ହୋଇଥାଏ। ସେ ଦିନ ଜଗନ୍ନାଥଙ୍କ ନିକଟରେ ଏକ ବିଶେଷ ପୂଜାର ଆୟୋଜନ କରାଯାଏ। ସୂର୍ଯ୍ୟଦେବଙ୍କୁ ମଧ୍ୟ ଏହି ଦିନ ପୂଜା କରାଯାଏ। ଧନୁ ସଂକ୍ରାନ୍ତି ପୂଣ୍ୟକଳା ଓ ଧନୁ ସଂକ୍ରାନ୍ତି ମହାପୂଣ୍ୟ କଳାର ଏକ ନିର୍ଦ୍ଧିଷ୍ଟ ସମୟ ରହିଛି। ତେଣୁ ସମୟ ଅନୁସାରେ ଏହା ପାଳନ କରାଯାଏ। ପୌଷ୍ୟମାସକୁ ଓଡ଼ିଶାରେ ଏକ ପ୍ରାଚୁର୍ଯ୍ୟର ମାସ ଭାବେ ପାଳନ କରାଯାଏ। କାରଣ ଏହି ସମୟରେ କଠିନ ପରିଶ୍ରମ କରି ଶସ୍ୟ ଅମଳ କରାଯାଇଥାଏ। ଧନୁ ସଂକ୍ରାନ୍ତିରେ ଖଇ/ଲିଆରେ ତିଆରି ସୁମିଷ୍ଟ ଧନୁ ମୁଆଁ ଜଗନ୍ନାଥଙ୍କ ନିକଟରେ ଭୋଗ ଲାଗି କରାଯାଇଥାଏ। ଏହାକୁ ମକର ସଂକ୍ରାନ୍ତି ପର୍ଯ୍ୟନ୍ତ ଏକ ମାସ ଧରି ପାଳନ କରାଯାଇଥାଏ। ପୌଷମାସରେ କୌଣସି ପବିତ୍ର କାର୍ଯ୍ୟ କରାଯାଇନଥାଏ। ଯଥା ବିବାହ, ନିର୍ବନ୍ଧ ଘର ପ୍ରତିଷ୍ଠା, ବ୍ରତଉପନୟନ ପ୍ରଭୃତି ମାଙ୍ଗଳିକ କାର୍ଯ୍ୟ କରାଯାଇ ନଥାଏ। ଧନୁ ସଂକ୍ରାନ୍ତି ଠାରୁ ମକର ସଂକ୍ରାନ୍ତି ପର୍ଯ୍ୟନ୍ତ ପହଲିଭୋଗ ଲାଗି ହୋଇଥାଏ। ପ୍ରବାଦ ଅଛି ସେହି ସମୟରେ ତାଙ୍କର ପିତୃ ଆଳୟକୁ ଯାତ୍ରା କରିଥାନ୍ତି ତେଣୁ ଜଗନ୍ନାଥଙ୍କର ମାତା ପ୍ରତ୍ୟୁଷରୁ ପହିଲି ଭୋଗ ପ୍ରସ୍ତୁତ କରି ଜଗନ୍ନାଥଙ୍କୁ ଖୁଆଇଥାନ୍ତି। ବରଗଡ଼ ସହରରେ ଧନୁଯାତ୍ରା ପୃଥିବୀ ପ୍ରସିଦ୍ଧ। ଏଗାର ଦିନଟିକୁ ବରଗଡ଼ବାସୀ ବରଗଡ଼ ସହରକୁ ଦ୍ୱାପରା ଯୁଗର ମଥୁରା ଭାବେ ସଜ୍ଜିତ କରିଥାନ୍ତି। ସେ ଦିନ ମୁକ୍ତିମଞ୍ଚରେ କୃଷ୍ଣଙ୍କର ଜୀବନକୁ ନାଟକ ଭାବେ ପରିବେଶବିତ୍ କରାଯାଏ। କୃଷ୍ଣ ମଥୁରାକୁ କଂସ ଦ୍ୱାରା ଆୟୋଜିତ ଧନୁଯାତ୍ରା ଦେଖିବା ପାଇଁ ଯାଇଥିବା ନାଟକକୁ ଉପସ୍ଥାପନା କରାଯାଇଥାଏ। ଧନୁଯାତ୍ରା ଦିନ କୃଷ୍ଣ ବଳରାମଙ୍କୁ ମାରିବା ଉଦ୍ଦେଶ୍ୟରେ କଂସ ଧନୁଯାତ୍ରା ଦେଖିବା ପାଇଁ ଅକ୍ରୁର ହାତରେ ନିମନ୍ତ୍ରଣ କରିଥିଲେ।

ଧନୁ ଯାତ୍ରାକୁ ଭଲର ମନ୍ଦ ଉପରେ ବିଜୟର ଦିବସ ରୂପେ ପାଳନ କରାଯାଏ। ସେହିଦିନ ଶ୍ରୀକୃଷ୍ଣ ଦେବକୀ ବସୁଦେବଙ୍କୁ ବନ୍ଦୀଶାଳରୁ ମୁକ୍ତ କରିଥିଲେ ଓ କଂସ ବଧ କରି ମଥୁରାବାସୀଙ୍କୁ ଆଶ୍ୱସ୍ତ କରିଥିଲେ। ଆଧାତ୍ମିକ ଦୃଷ୍ଟିକୋଣରୁ ଦେଖିଲେ ମନୁଷ୍ୟ ଏହି ଦିନ ତାର ଭିତରେ ଥିବା ସମସ୍ତ କଳୁଷିତ ଯଥା ଷଡ଼ରିପୁ (କାମ, କ୍ରୋଧ, ଲୋଭ, ମୋହ, ମଧୁ, ମାତ୍ସାର୍ଯ୍ୟ) ଉପରେ ବିଜୟ ଲାଭ କରିବା ପାଇଁ ସଂକଳ୍ପବଦ୍ଧ ହେବା ଉଚିତ ଏବଂ ହୃଦୟରେର କୃଷ୍ଣରୂପୀ ଜଗନ୍ନାଥଙ୍କୁ ଅବମସ୍ଥାନ କରାଇବା ଉଚିତ। ଯେଉଁଠାରେ ଭଗବାନ ନିଜର ସ୍ୱରୂପରେ ପ୍ରକଟିତ ହୁଅନ୍ତି ସେଠାରେ ଦୁଃଖ ଦୁର୍ଦ୍ଦଶା ରହେନାହିଁ ଶାନ୍ତି ଓ ସମୃଦ୍ଧି ବିରାଜମାନ କରିଥାଏ। ମନୁଷ୍ୟ ସଂସାରରୂପକ ବନ୍ଦୀଶାଳାରୁ ମୁକ୍ତିପାଏ। ତେଣୁ ଧନୁଯାତ୍ରା ଓଡ଼ିଆ ମାନଙ୍କର ଏକ ପ୍ରଧାନପର୍ବ ଯାହାକୁ କି ଭକ୍ତି ଓ ଶରଣାଗତି ଦିବସ ଭାବେ ପ୍ରତ୍ୟେକ ଓଡ଼ିଆମାନେ ପାଳନ କରିବା ଉଚିତ। ଏହା ମଧ୍ୟ ଏକ କୃଷିଭିତ୍ତିକ ପର୍ବ ହୋଇଥିବାରୁ ଶ୍ରୀଜଗନ୍ନାଥଙ୍କ ନିକଟରେ କୃଷିର ଉନ୍ନତି ନିମନ୍ତେ ପ୍ରାର୍ଥନା କରାଯିବା ଉଚିତ।

*ପୂର୍ବତନ ସମ୍ପାଦକ, ଶ୍ରୀସତ୍ୟସାଇ ବିଦ୍ୟାଳୟ, କଳାବିକାଶ କେନ୍ଦ୍ର ମାର୍ଗ, କଟକ,ମୋ: ୭୦୦୮୧୮୧୮୨୦*




# ଓଡ଼ଗାଁ ବ୍ଲକ୍ ପାଇଁ ଗୌରବ ସାଜିଲେ ତମନ୍ନା ଓ ନୀଲମ୍

ଓଡ଼ଗାଁ,(ପି.ଏନ):ଗତ ୧୧ ଓ ୧୨ ତାରିଖ ଦୁଇ ଦିନ ଧରି ନୟାଗଡ଼ ବ୍ରଜେନ୍ଦ୍ର ହାଇସ୍କୁଲ ପରିସରରେ ୩୩ତମ ଜିଲ୍ଲାସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ଓ ବିଜ୍ଞାନ ସେମିନାର୍ ଅନୁଷ୍ଠିତ ହୋଇଥିଲା ।ଉକ୍ତ ପ୍ରଦର୍ଶନୀରେ ଜୁନିୟର ବିଭାଗରେ ସରକାରୀ ଉ.ପ୍ରା.ବିଦ୍ୟାଳୟ,ଦଣ୍ଡୋରର ଚ଼ତୁର୍ଥଶ୍ରେଣୀ ଛାତ୍ରୀ ତମନ୍ନା ପଟ୍ଟନାୟକ ଦ୍ୱିତୀୟ ସ୍ଥାନ ହାସଲ କରିଥିବାବେଳେ ବିଜ୍ଞାନ ସେମିନାରରେ ଓଡ଼ଗାଁ ଆଖୁପଦରସ୍ଥିତ ଆଦର୍ଶ ବିଦ୍ୟାଳୟର ଷଷ୍ଠଶ୍ରେଣୀ ଛାତ୍ରୀ ନୀଲମ୍ ପ୍ରିୟଦର୍ଶିନୀ ତୃତୀୟ ସ୍ଥାନ ହାସଲ କରି ସମଗ୍ର ଜିଲ୍ଲା ତଥା ଓଡ଼ଗାଁ ବ୍ଲକ୍ ପାଇଁ ଗୌରବ ଆଣିଛନ୍ତି ।ନୀଲମ୍ ମାଣ୍ଡିଆର ପୌଷ୍ଟିକତା ଓ ଏହାର ଗୁରୁତ୍ୱ ସମ୍ପର୍କରେ ଚ଼ମତ୍କାର ଉପସ୍ଥାପନା କରିଥିବା ସହ ତମନ୍ନାଙ୍କ ପ୍ରକଳ୍ପ 'ବିନା ବିଜୁଳିରେ ଜଳସେଚ଼ନ' ଦର୍ଶକମାନଙ୍କ ମନ ମୋହିଥିଲା ।ଉଭୟଙ୍କ





ଏହି ସଫଳତା ପାଇଁ ଓଡ଼ଗାଁ ବ୍ଲକ୍ ଶିକ୍ଷାଧିକାରୀ ଗୀତାଞ୍ଜଳି ସାହୁ,ଅତିରିକ୍ତ ଶିକ୍ଷାଧିକାରୀ କମଳିନୀ ବେହେରା, ରବୀନ୍ଦ୍ର କୁମାର ନାୟକ, ସମସ୍ତ ସିଆରସିସି,ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘ ସଭାପତି ଜ୍ୟୋତିରଞ୍ଜନ ମିଶ୍ର, ସମ୍ପାଦକ ଭକ୍ତରଞ୍ଜନ ମିଶ୍ର, ଓଡ଼ଗାଁ ଏନପିଏସ୍ ସଂଘ ସଭାପତି ନରେଶ ପାଣିଗ୍ରାହୀ, ସମ୍ପାଦକ ସୁକାନ୍ତ କୁମାର ସାହୁ, ପ୍ରକୃତିବନ୍ଧୁ ରଞ୍ଜନ କୁମାର ଦାଶ,ଶିକ୍ଷକ ଭାବଗ୍ରାହୀ ମହାପାତ୍ର ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି ।

# ଗୁମ୍ମାରେ ଦେବଗିରି ମହୋତ୍ସବ ନିମନ୍ତେ ମଶାଲ ଶୋଭାଯାତ୍ରା

ପାରଳାଖେମୁଣ୍ଡି,(ତାରିଣୀ ପ୍ରସାଦ ପଣ୍ଡା ): ଗଜପତି ଜିଲ୍ଲା ଗୁମ୍ମା ସଦର ମହକୁମା ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ମଶାଲ ଶୋଭାଯାତ୍ରା ଆରମ୍ଭ ହୋଇଛି ।ଦୁଇଦିନ ଧରି ହେବାକୁ ଥିବା ଦେବଗିରି ମହୋତ୍ସବ ଚ଼ଳିତ ମାସ ୧୩ ଓ ୧୪ ତାରିଖରେ ବ୍ଲକ ସ୍ତରୀୟ ଦେବଗିରି ମହୋତ୍ସବ ଅନୁଷ୍ଠିତ ହେବାର ରହିଅଛି । ଏହି ଅବସରରେ ଆଜି ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ପ୍ରଥମେ ମସାଲ ଶୋଭାଯାତ୍ରା ରଥ ତହସିଲ କାର୍ଯ୍ୟାଳୟ ଠାରୁ ଗୁମ୍ମା ଗ୍ରାମ ପଞ୍ଚାୟତ ସମ୍ମୁଖରେ ପହଞ୍ଚିବା ପରେ ବିଡିଓ ଶରତ କୁମାର ପାତ୍ର, ତହସିଲଦାର ଜୟବ୍ରତ ଆଚ଼ାର୍ଯ୍ୟ ଓ ବ୍ଲକ କର୍ମଚ଼ାରୀ ମାନେ ଉପସ୍ଥିତ ରହି ଏହାକୁ ବହୁ ଆଡ଼ମ୍ବର ସହକାରେ ସ୍ୱାଗତ ଜଣାଥିଲେ । ସେଠାରେ ମଶାଲ ଶୋଭାଯାତ୍ରା କମିଟି ମସାଲକୁ ବ୍ଲକ ପ୍ରଶାସନକୁ ହସ୍ତାନ୍ତର କରିଥିଲେ । ସେଠାରେ ମସଲାକୁ ପୂଜାର୍ଚ୍ଚନା କରି ତହସିଲ




କାର୍ଯ୍ୟାଳୟ ଠାରେ ମସାଲ ଶୋଭାଯାତ୍ରା ବ୍ଲକ କାର୍ଯ୍ୟାଳୟକୁ ନିଆଯାଇଥିଲା । ବ୍ଲକ ସ୍ତରୀୟ ଦେବଗିରି ମହୋତ୍ସବରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାର ରହିଛି । ଏଥିରେ ଲୋକାଇତ ଭାବେ ରହିଥିବା ବ୍ଲକ ତଥା ଗ୍ରାମାଞ୍ଚଳର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ଦଳଗତ ନାଚ଼,ଗୀତ ସହ ଆଦିବାସୀ ପାରମ୍ପରିକ ନୃତ୍ୟ ଓ ଲୋକ କଳା ବିକାଶ ବୃଦ୍ଧି ପାଇବ ବୋଲି କହିଛନ୍ତି ବିଡ଼ିଓ ଶ୍ରୀ ପାତ୍ର ।

# ଆମ ଓଡ଼ିଶା ନବୀନ ଓଡ଼ିଶା ଜିଲ୍ଲା ସଂଯୋଜକ ସଞ୍ଜୟ ଦାସଙ୍କୁ ଧାମନଗର ବ୍ଲକ ବିଜୁ ଯୁବ ଜନତା ଦଳ ତରଫରୁ ସମ୍ବର୍ଦ୍ଧନା

ଧାମନଗର,(ପି.ଏନ): ରାଜ୍ୟ ସରକାରଙ୍କ ଆମ ଓଡ଼ିଶା ନବୀନ ଓଡ଼ିଶା ତରଫରୁ ଓଡ଼ିଶାର ୧୬ଟି ବିଭିନ୍ନ ଜିଲ୍ଲାରେ ଜିଲ୍ଲା ସଂଯୋଜକ ନିଯୁକ୍ତି ଦିଆଯାଇଛି । ତନ୍ମଧ୍ୟରୁ ଭଦ୍ରକ ଜିଲ୍ଲା ଧାମନଗର ନିର୍ବାଚ଼ନମଣ୍ଡଳୀ ଅନ୍ତର୍ଗତ କାଁପଡ଼ା ଗ୍ରାମ ପଞ୍ଚାୟତର ସମାଜସେବୀ ଡାକ୍ତର ସଞ୍ଜୟ ଦାସଙ୍କ ନିରବ୍ଚ଼ିନ୍ନ ମାଗଣା ରୋଗୀ ସେବା ଓ ତାଙ୍କ କାର୍ଯ୍ୟ ଦକ୍ଷତା ଓ ଜିଲ୍ଲାସ୍ତରରେ ତାଙ୍କର ସେବା କିପରି ପ୍ରସାରିତ ହେବ ସେଥିପାଇଁ ଡାକ୍ତର ସଞ୍ଜୟ କୁମାର ଦାସଙ୍କୁ ଗତ ଶନିବାର ମାନ୍ୟବର ମୁଖ୍ୟମନ୍ତ୍ରୀ ଆମ ଓଡ଼ିଶା ନବୀନ ଓଡ଼ିଶାର ଭଦ୍ରକ ଜିଲ୍ଲା ସଂଯୋଜକ ଦାୟିତ୍ୱ ଦେଇଛନ୍ତି । ଏହି ପରିପ୍ରେକ୍ଷୀରେ ଧାମନଗର ବ୍ଲକ ଏବଂ ନଗର ଯୁବ ବିଜୁ ଯୁବ ଜନତା ଦଳ ତରଫରୁ ନବ ନିଯୁକ୍ତ ଜିଲ୍ଲା ସଂଯୋଜକ ଶ୍ରୀ ଦାସଙ୍କୁ ବିପୁଳ ସ୍ୱାଗତ ଓ ସମ୍ବର୍ଦ୍ଧନା ଦିଆଯାଇଛି । ବିଜୁ ଯୁବ ଜନତା ଦଳର ସମସ୍ତ ବ୍ଲକ କମିଟି ଓ ପଞ୍ଚାୟତ କମିଟିର କର୍ମକର୍ତ୍ତା ସହ ସଦସ୍ୟମାନେ ବୁଧବାର ଅପରାହ୍ନ ୪ଟା ସମୟରେ ଧାମନଗର ଏନ୍ ଏ ସି ଅନ୍ତର୍ଗତ ଜଳସେଚ଼ନ ବିଭାଗର ଡାକବଙ୍ଗଳା ଠାରୁ ଏକ ବିଶାଳ ବାଇକ ଶୋଭାଯାତ୍ରାରେ ମେଡିକାଲ,ବଡ଼ ଓ ସାନ ବଜାର ଛକ ପରିକ୍ରମା କରି ସାହାନାଇ କଲ୍ୟାଣମଣ୍ଡପରେ ପହଞ୍ଚି ସେଠାରେ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ବିଜେଡି ବ୍ଲକ





ସଭାପତି ଉମେଶ ଚ଼ନ୍ଦ୍ର ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଟୁନିବାଳା ବିଶ୍ୱାଳ ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଭଦ୍ରକ,ଧାମନଗର ପଞ୍ଚାୟତ ସମିତି ଅଧ୍ୟକ୍ଷା ଶର୍ମିଷ୍ଠା ବେହେରା,ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ନାୟକ,ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ କୁମାର ମଲ୍ଲିକ,ସାରଦା ପ୍ରସନ୍ନ ସାହୁ,ସାଂସଦ ବ୍ଲକ ପ୍ରତିନିଧି ହରେକୃଷ୍ଣ ପାଢ଼ୀ,ଉପାଧ୍ୟକ୍ଷ ଜଗବନ୍ଧୁ ପ୍ରଧାନ,ଏନ୍ ଏ ସି ଅଧ୍ୟକ୍ଷା ନିବେଦିତା ଜେନା,ଉପାଧ୍ୟକ୍ଷ ଓସିମ ଏଜଦାନି କାଦରି,ସୁଶାନ୍ତ କୁମାର ରାଉତ,ସେକ ସୈଫୁଦ୍ଦିନ,କୃଷ୍ଣ ଚ଼ନ୍ଦ୍ର ପତି, ଜ୍ୟୋତି ପ୍ରକାଶ ସାମଲ,ଭାନୁପ୍ରକାଶ ପଲେଇ,ସୁଶାନ୍ତ କୁମାର ନାୟକ,ସରପଞ୍ଚ ଶ୍ରୀକାନ୍ତ ମିଶ୍ର, ଅଜୟ ମଲ୍ଲିକଙ୍କ ସମେତ ବହୁ ଦଳୀୟ କର୍ମୀ ଓ ଛାମୁଆ ନେତା ପଞ୍ଚାୟତ ସଭାପତି ପ୍ରମୁଖ ଯୋଗଦେଇ ଶ୍ରୀ ଦାସଙ୍କୁ ଉତ୍ତରିୟ ପୁଷ୍ପଗୁଚ଼୍ଛ ପ୍ରଦାନ ପୂର୍ବକ ସ୍ୱାଗତ ଓ ସମ୍ବର୍ଦ୍ଧନା ଜଣାଇଥିଲେ । ପ୍ରକାଶ ଥାଉକି ଦଳର ପୁରୁଣା କର୍ମୀ ଓ ନେତାଙ୍କୁ ଅଣଦେଖାକୁ ନେଇ ଦଳ ଭିତରେ ଚ଼ାପା ଅସନ୍ତୋଷ ଦିନକୁ ଦିନ ବୃଦ୍ଧି ପାଉଛି । ଏଦିଗରେ ଜିଲ୍ଲା ପର୍ଯ୍ୟବେକ୍ଷକ ଏବଂ ଜିଲ୍ଲା ସଭାପତି ଦୃଷ୍ଟି ନଦେଲେ ୨୦୨୪ ନିର୍ବାଚ଼ନରେ ୨୦୧୯ ଏବଂ ୨୦୨୨ ଉପନିର୍ବାଚ଼ନ ଭଳି ପରିଣାମ ସ୍ୱରୂପ ଭୋଗିବାକୁ ପଡ଼ିବ ବୋଲି ପୁରୁଣା କର୍ମୀଙ୍କ ମଧ୍ୟରେ ଆଲୋଚ଼ନା ହେଉଛି । ଶେଷରେପୂର୍ବତନ ସରପଞ୍ଚ ତଥା କବି ଦୟାନିଧି ମିଶ୍ର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ନିର୍ମାଣ, ପ୍ରୋଜେକ୍ଟ ନିର୍ମାଣ କାର୍ଯ୍ୟରେ ନିଯୁକ୍ତି ଶ୍ରମିକ ମାନଙ୍କ ପାଇଁ ସ୍ୱାସ୍ଥ୍ୟ ନିରାପତ୍ତା ଜରୁରୀ

ଭୁବନେଶ୍ୱର,(ପି.ଏନ):ନିର୍ମାଣ ଓ ପ୍ରୋଜେକ୍ଟ ନିର୍ମାଣ କାର୍ଯ୍ୟରେ ନିଯୁକ୍ତି ଶ୍ରମିକମାନେ ଅଧିକ ସଂଖ୍ୟାରେ ଦୁର୍ଘଟଣାରେ ଓ ପେଷାଗତ ରୋଗରେ ଅଧିକ ଲୋକ ମରୁଛନ୍ତି । ସାରା ଦୁନିଆରେ ପ୍ରତିବର୍ଷ ଅନ୍ୟୁନ୍ୟ ୬୦୦୦୦ ମୃତାହତ ଦୁର୍ଘଟଣା ଜନିତ ମୃତ୍ୟୁ ହୋଇଛି । ସାରା ପୃଥିବୀରେ ଏକ ବର୍ଷରେ ଭାରତରେ ୨୦୮୦ ଦର୍ଘଟଣା ଏବଂ ସାରା ଦୁନିଆରେ ୨୦୨୨ ରେ ମୃତ୍ୟୁ ସଂଖ୍ୟା ୧ ଲକ୍ଷ ୬୮ ହଜାର ମୃତ୍ୟୁ ଓ ଦିନକୁ ୪୬୨ ପ୍ରତ୍ୟେକ ୩ ମିନିଟ୍‌ରେ ଜଣେ ଶ୍ରମିକର ମୃତ୍ୟୁ ହୋଇଛି ଏବଂ ଭାରତରେ ଏବଂ ସାରା ପୃଥିବୀର କରୋନାରେ ମୃତ୍ୟୁ ହୋଇଥିବା ସଂଖ୍ୟାରୁ ଅଧିକାଂଶ ଶ୍ରମିକ ଏଣୁ ଆନ୍ତର୍ଜାତିକ ଶ୍ରମିକ ସଂଗଠନର ୨୦୨୨ ନିଷ୍ପତି ଅନୁଯାଇ ଆଇ.ଏଲ.ଓ କନଭେନସନ



୧୮୭ ଏବଂ ୧୫୫ ଅନୁଯାୟୀ ଆମ ଦେଶରେ ଶ୍ରମିକ କର୍ମଚାରୀ ମାନଙ୍କ ପାଇଁ ସ୍ୱାସ୍ଥ୍ୟ ଚିକିତ୍ସା, ସୁରକ୍ଷା ଅଧିକାର ଓ ସାମାଜିକ ସୁରକ୍ଷା ଦେବା ଆବଶ୍ୟକ ବୋଲି ଗତ ତା. ୧୨/୧୨/୨୦୨୩ ରିଖରେ ଦିଲ୍ଲୀରେ ଆକ୍ସନଏଡ଼ି ଆସୋସିଏସନ ତରଫରୁ ଦିଲ୍ଲୀର ସାହା ଅଡ଼ିଟୋରିଏମରେ ଆୟୋଜିତ ନିର୍ମାଣ ଶ୍ରମିକ କର୍ମଚାରୀ ମହାପଞ୍ଚାୟତରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ଉପସଭାପତି ପୂର୍ବତନ ସାଂସଦ ଡକ୍ଟର ରାମଚନ୍ଦ୍ର ଖୁଣ୍ଟିଆ କହିଛନ୍ତି । ଏହା ସହିତ ସମସ୍ତ ନିର୍ମାଣ ଶ୍ରମିକ ମାନଙ୍କୁ ୱେଲଫେୟାର ବୋର୍ଡ଼ର ସଦସ୍ୟ ରେଷ୍ଟି କରିବା, ରେନ୍ୟୁ କରିବା ଏବଂ ୱେଲ୍ ଫେୟାର ବୋର୍ଡ଼ର ନିୟମାନୁଯାୟୀ ସମସ୍ତ ସୁବିଧା ନିର୍ମାଣ ଶ୍ରମିକମାନଙ୍କୁ ଦେବା ପାଇଁ କେନ୍ଦ୍ର ସରକାର ଓ ରାଜ୍ୟ ସରକାରମାନଙ୍କ ନିକଟରେ ଏହି ବୈଠକରେ ଦାବି କରାଯାଇଛି । ଦିଲ୍ଲୀରେ କାର୍ଯ୍ୟକରୁଥିବା ୧୧ ଟି ନିର୍ମାଣ ଶ୍ରମିକ ସଂଘ ତରଫରୁ ପ୍ରାୟ ୧୦୦୦ ରୁ ଉର୍ଦ୍ଧ୍ୱ ଶ୍ରମିକ ମାନଙ୍କ ଏହି ସମାବେଶରେ ଆବସନ ଏଡ଼ ତରଫରୁ ଶ୍ରୀ ବପୁଲ କୁମାର ଲାମା ମବମୁର କାଲମ, ଅମଜାଦ ହାସନ ଆମ ଦେଶର ସମେତ ସମସ୍ତ କେନ୍ଦ୍ରୀୟ ଶ୍ରମିକ ସଂଗଠନର ନେତୃମଣ୍ଡଳୀ ଯୋଗଦେଇଥିଲେ ।

# ୨ ରୋଡ୍ ରୋମିଓ ସମେତ ୩ ଗିରଫ

ଧର୍ମଶାଳା, (ପିଏନ୍): ଧର୍ମଶାଳା ଥାନା ଅନ୍ତର୍ଗତ ଥାନୁଆଳ ଗ୍ରାମ ପଂଚାୟତ ଗୁଆରଙ୍ଗ ଠାରେ ଆଜି ସକାଳୁ ୨ ଜଣ ଦୁର୍ବୃତ ସ୍କୁଲ ଛାତ୍ରୀଙ୍କୁ କମେଂଟ ପାସ କରିବା ମହଙ୍ଗା ପଡିଛି । ଏହି ଘଟଣା ପରେ ସ୍ଥାନୀୟ ଲୋକେ ଉକ୍ତ ଦୁର୍ବୃତ ଦ୍ୱୟଙ୍କୁ ଧରି ବହେ ଛେଚିବା ସହିତ ପୁଲିସ ଜିମା ଦେଇଥିବା ଜଣାପଡିଛି । ସୂଚନା ମୁତାବକ ଏହି ଥାନା ଚହଟା ଗ୍ରାମର ସେକ ରହେମତ ର ପୁଅ ସେକ ସାହିଲ (୨୨) ଓ ପ୍ରଦୀପ ଗୋଛାୟତଙ୍କ ପୁଅ ପରିକ୍ଷିତ ଗୋଛାୟତ (୨୨) ଆଜି ପୂର୍ବାହ୍ନରେ ଦୁହେଁ ଓଡି-୦୪-ଏମ-୨୦୪୧ନଂ ବାଇକରେ ନାକପୋଲ ଥାନୁଆଳ ରାସ୍ତାରେ ସ୍କୁଲ ଆସୁଥିବା ଛାତ୍ରୀଙ୍କୁ ଅଟକାଇ କମେଂଟ ମାରିଥିଲେ । ଏଥି ପୂର୍ବରୁ ଏହି ଯୁବକ ଦ୍ୱୟ ଉକ୍ତ ଛାତ୍ରୀଙ୍କୁ ଏଭଳି ବ୍ୟବହାର କରିଥିଲେ । ଏନେଇ ଛାତ୍ରୀ ଜଣକ ନିଜ ପରିବାର କୁ ଜଣାଇଥିଲେ । ତେବେ ଆଜି ଉକ୍ତ ଯୁବକ ଦ୍ୱୟ ପୁଣି ଛାତ୍ରୀଙ୍କୁ କମେଂଟ ମାରିବା ସମୟରେ ଛାତ୍ରୀ ଜଣକ ସେମାନଙ୍କ ସହିତ କଥାବାର୍ତା ହେବା ସହ ତାଙ୍କ ମୋବାଲ ନମ୍ବର ମାଗି କିଛି ସମୟ ସେଠାରେ ଅଟକାଇଥିଲେ । ପୁର୍ବ ଯୋଜନା ମୁତାବକ ଛାତ୍ରୀ ଜଣକ ତାଙ୍କ ବାପାଙ୍କୁ ଜଣାଇବା ପରେ ତାଙ୍କ ବାପା ଓ ଗ୍ରାମବାସୀମାନେ ସେଠାକୁ ଅସି ରୋଡ ରୋମିଓ ଦ୍ୱୟଙ୍କୁ କାବୁ କରି ଦେହରୁ କପଡା ଖୋଲି ମାଡ ମାରି ପୁଲିସ ଜିମ୍ମା ଦେଇଥିଲେ । ଖବର ପାଇ ଯାଜପୁର ରୋଡ ଏସଡିପିଓ ସୟ କୁମାର ପଟ୍ଟନାୟକ ଥାନାରେ ପହଁଚି ଘଟଣା ସମ୍ପର୍କରେ ତଦନ୍ତ କରିଥିଲେ । ଏନେଇ ଛାତ୍ରୀଙ୍କ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହେବା ପରେ ପୁଲିସ ୭୮୩/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ କରିବା ସହ ବ୍ୟବହୃତ ବାଇକକୁ ଜବତ କରିଥିଲା । ଏହି ଘଟଣାରେ ରୋଡ ରୋମିଓ ଦ୍ୱୟଙ୍କୁ ସାହାଯ୍ୟ କରିଥିବା ଧର୍ମଶାଳା ବଜାର ଅଂଚଳର ସେକ ଇନାୟତୁଲ୍ଲା ଙ୍କ ପୁଅ ସେକ ଇସାକକୁ ପୁଲିସ ଗିରଫ କରିଥିଲା । ଆଜି ୩ ଅଭିଯୁକ୍ତଙ୍କୁ ଚଣ୍ଡିଖୋଲ କୋର୍ଟକୁ ଚାଲାଣ କରାଯାଇଛି ବୋଲି ଥାନା ଅଧିକାରୀ ତପନ କୁମାର ନାୟକ ସୂଚନା ଦେଇଛନ୍ତି ।

MAHARISHI PUBLIC SCHOOL



2023-2024

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

Special discount for new admission before 15.03.2023

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada

ଖେଳ

ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ 25

PARYABEKHYAK

ପର୍ଯ୍ୟବେକ୍ଷକ

Bhubaneswar Thursday December 14, 2023 ଭୁବନେଶ୍ୱର ଗୁରୁବାର, ଡିସେମ୍ବର ୧୪,୨୦୨୩ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



## ସରକାରୀ ପଲିଟେକ୍‌ନିକ୍ ପକ୍ଷରୁ ସଡ଼କ ସୁରକ୍ଷା ସଚେତନତା ପାଇଁ କାର୍ଯ୍ୟକ୍ରମ

ବ୍ରହ୍ମପୁର,(ପି.ଏନ): ବ୍ରହ୍ମପୁର ସ୍ଥିତ ସରକାରୀ ପଲିଟେକନିକ୍ କଲେଜ ପକ୍ଷରୁ ମଙ୍ଗଳବାର ଦିନ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ସମନ୍ୱିତ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଜରିଆରେ ଏହା ହୋଇଥିଲା । କଲେଜ ଅଧକ୍ଷ ଶ୍ରୀଯୁକ୍ତ ଇଂ ନିଶାକର ମଲ୍ଲିକଙ୍କ ନିର୍ଦେଶନା ରେ କଲେଜ ର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସଡ଼କ ସୁରକ୍ଷା ଓ ଜୀବନ ରକ୍ଷା ସଚେତନତାକୁ ନେଇ ଏକ କାର୍ଯକ୍ରମ କରି ଶୋଭାଯାତ୍ରା ଆୟୋଜିତ ସରକାରୀ ପଲିଟେକନିକ୍ ରେ ହୋଇଥିଲା । ସରକାରୀ ପଲିଟେକନିକ୍ କଲେଜ ରୁ ସଡ଼କ ସୁରକ୍ଷା ସଚେତନତା ପଦଯାତ୍ରା ବାହାରି ଡି-ପୁଲ ସ୍କୁଲ ପର୍ଯ୍ୟନ୍ତ ପହଞ୍ଚି ଥିଲେ । ଏ ଅବସରରେ ଛାତ୍ରଛାତ୍ରୀ ସ୍ଲୋଗାନ ଦେଇ ପ୍ଲାକ କାର୍ଡ଼ ଦେଖାଇ ସମସ୍ତ ଜନସାଧାରଣଙ୍କୁ ସଡ଼କ ସୁରକ୍ଷାକୁ ନେଇ ସଚେତନ ସୃଷ୍ଟି କରିଥିଲେ । ଏଥିରେ କଲେଜର ସମସ୍ତ ବିଭାଗର ପ୍ରାୟ ୬୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କ ଯୋଗ ଦେଇ ଜନସାଧାରଣ ଙ୍କୁ ସଚେତନତା ସୃଷ୍ଟି କରିଥିଲେ । ନୋଡାଲ୍ ଅଧିକାରୀ ଅଧ୍ୟାପିକା ଅନିମା ମିଶ୍ର, ଅନିତା ପତି,





ଆଶ୍ରିତା ନାୟକ, ଏସ ସଂଧ୍ୟାରାଣୀ, କିରଣ ବାଲା ପଟ୍ଟନାୟକ, ଅଧ୍ୟାପକ ଜୀବନଜ୍ୟୋତି ପଣ୍ଡା, ନୀଳମାଧବ ସାବତ ଓ ସିଲୁ ସାହୁ ପ୍ରମୁଖ ଶୋଭାଯାତ୍ରାର ପରିଚ଼ାଳନା କରିଥିଲେ ।

## ବିଜେପିର ରାଜ୍ୟ ସଭାପତିଙ୍କ ଆସନ୍ତା ସପ୍ତାହରେ ନିମାପଡା ଗସ୍ତ

ନିମାପଡ଼ା,(ପି.ଏନ):ଆସନ୍ତା ୧୭ ତିରଖ ରବିବାର ଦିନ ଅପରାହ୍ନରେ ରାଜ୍ୟ ଭାଜପା ସଭାପତି ମନମୋହନ ସାମଲ ନିମାପଡା ଗ୍ରସ୍ତରେ ଆସିବେ ।ଏହି ପରିପ୍ରେକ୍ଷୀରେ ଚ଼ାରିଛକ ଠାରୁ ଏକ ବାଇକ୍ ଶୋଭାଯାତ୍ରା ବାହାରି ନିମାପଡା ବଡ଼ବଜାର ଦେଇ ଦେବି ମଣ୍ଡପ ପଡ଼ିଆରେ ପହଞ୍ଚିବ ।ସେଠାରେ ହେବାକୁଥିବା ସମ୍ମିଳନୀରେ ଶ୍ରୀଯୁକ୍ତ ସାମଲ ଉଦବୋଧନ ଦେବାର କାର୍ଯ୍ୟକ୍ରମ ରହିଛି ।ରାଜ୍ୟ ସଂଗଠନ ମନ୍ତ୍ରୀ ମାନସ ମହାନ୍ତି,ରାଜ୍ୟ ସାଧାରଣ ସମ୍ପାଦକ ଜତିନ୍ ମହାନ୍ତି ଓ ଲୋକସଭା ପ୍ରଭାରୀ ପବିତ୍ର ଦାସ ମଧ୍ଯ ଯୋଗଦେବେ ।କାର୍ଯ୍ୟକର୍ତ୍ତା ସମ୍ମିଳନୀ ପରେ ସାଂଗଠନିକ ବୈଠକରେ ବିଭିନ୍ନ ମୋରଚ଼ା ପଦାଧିକାରୀ ଓ ନିର୍ବାଚ଼ିତ ପ୍ରତିନିଧି ମାନଙ୍କ ସହ ଶ୍ରୀଯୁକ୍ତ ସାମଲ ଆଲୋଚ଼ନା କରିବେ ବୋଲି ନିମାପଡ଼ା ନେତ୍ରୀ ପ୍ରଭାତୀ ପରିଡ଼ା ଏକ ପ୍ରେସ ବିଜ୍ଞପ୍ତିରେ ଜଣାଇଛନ୍ତି ।

## ପ୍ଲାଷ୍ଟିକ ମୁକ୍ତ ପରିବେଶ ଓ ନିଶା ମୁକ୍ତ ସମାଜ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ




ପୁରୀ (ପି.ଏନ୍) : ପୁରୀ ସରକାରୀ ଆଇଟିଆଇ ର ଛାତ୍ରଛାତ୍ରୀ ଓ କର୍ମଚ଼ାରୀ ଙ୍କ ମିଳିତ ଉଦ୍ୟମ ରେ ପୁରୀ ସହରର ବିଭିନ୍ନ ଅଞ୍ଚଳରେ,'ପ୍ଲାଷ୍ଟିକ ମୁକ୍ତ ପରିବେଶ' ତଥା 'ନିଶା ମୁକ୍ତ ସମାଜ' ସମ୍ପର୍କିତ ସଚେତନତା ରାଲି ଆୟୋଜିତ ହୋଇଯାଇଛି । ଓଡ଼ିଶା ସରକାରଙ୍କ 'ନୂଆଓଡ଼ିଶା' କାର୍ଯ୍ୟକ୍ରମ ଅଧୀନରେ ଛାତ୍ରଛାତ୍ରୀମାନେ ବିଭିନ୍ନ ସ୍ଲୋଗାନ ମାଧ୍ୟମରେ ନିଶାମୁକ୍ତ ସମାଜ ଗଠନ ପାଇଁ ବାର୍ତ୍ତା ପ୍ରଦାନ କରିଛନ୍ତି । ସ୍ଥାନୀୟ ଲୋକଙ୍କୁ ପ୍ଲାଷ୍ଟିକ ର ବହୁଳ ବ୍ୟବହାର ର ଭୟାବହତା ଓ ପ୍ରତିକାର ସମ୍ପର୍କରେ ସଚେତନ କରିଛନ୍ତି ।ଏହି କ୍ରମରେ ଅନୁଷ୍ଠାନ ର ଅଧକ୍ଷ ଇଂ. ଶ୍ରୀ ଅରବିନ୍ଦ ଘୋଷ ଙ୍କ ତତ୍ୱାବଧାନରେ ଅନୁଷ୍ଠାନର ୫୦୦ ରୁ ଅଧିକ ଛାତ୍ରଛାତ୍ରୀ ପୁରୀ ସମୁଦ୍ର ତଟ ସଫେଇ ସହିତ ବିଭିନ୍ନ କାର୍ଯ୍ୟକ୍ରମ ଯଥା ବାଲୁକା କଳା,ବିଶେଷ ଯୋଗ ସେଷନ୍,ଟଗ୍ ଅଫ୍ ୱାର୍. ଆଦିରେ ଅଂଶ ଗ୍ରହଣ କରିଥିଲେ ।

## ଜାରକା ଅଂଚଳ ଅସୁରକ୍ଷିତ, ୭ଦିନରେ ୩ ଅପହରଣ ଉଦ୍ୟମ

ଧର୍ମଶାଳା,(ପିଏନ୍): ଧର୍ମଶାଳା ଥାନା ଅନ୍ତର୍ଗତ ଜାରକା ଅଂଚଳ ଏବେ ସ୍କୁଲ ପିଲାମାନଙ୍କ ପାଇଁ ଅସୁରକ୍ଷିତ ହୋଇପଡିଛି । ୭ଦିନ ମଧ୍ୟରେ ୩ଜଣ ସ୍କୁଲ ଛାତ୍ରଛାତ୍ରୀଙ୍କୁ ଅପହରଣ ଉଦ୍ୟମ ବିଫଳ ହୋଇଛି । ତେବେ ଦୁର୍ବୃତମାନେ ସ୍କୁଲ ଯାଉଥିବା ଛୋଟ ଛୋଟ ଛାତ୍ରଛାତ୍ରୀମାନଙ୍କୁ ଟାର୍ଗେଟ କରୁଥିବା ଦେଖିବାକୁ ମିଳୁଛି । ଗତ ୬ ତାରିଖରୁ ଆଜି ପର୍ଯ୍ୟ' ଜାରକା ଅଂଚଳରୁ ୩ ଜଣ ଛାତ୍ରଙ୍କୁ ଅପହରଣ କରିବାକୁ ଉଦ୍ୟମ କରାଯାଇଛି । ହେଲେ ସେମାନେ ଏହି ଦୁର୍ବୃତଙ୍କ ଠାରୁ ଅଳ୍ପକେ ବର୍ତିଯାଇଛନ୍ତି । ଗତ ୬ ତାରିଖରେ ଆଦର୍ଶ ବିଦ୍ୟାଳୟର ଜଣେ ଛାତ୍ରକୁ ଜାରକା ଷ୍ଟାଡିଅମ ରାସ୍ତାରେ ଅପହରଣ ଉଦ୍ୟମ କରାଯାଇଥିଲା । ସେହିପରି ଗତ ୧୧ ତାରିଖରେ ଜାରକା ଜାମୁବଣିଆ ଠାରେ ଜଣେ ୫ମ ଶ୍ରେଣୀର ଛାତ୍ରକୁ ଅପହରଣ ଉଦ୍ୟମ କରାଯାଇଥିଲା । ସମାନଭାବେ ଆଜି ସକାଳେ ଜଣେ ଛାତ୍ର ସ୍କୁଲକୁ ଯାଉଥିବା ବେଳେ ତଙ୍କୁ ଦୁର୍ବୃତମାନେ ଅପହରଣ କରିବାକୁ ଉଦ୍ୟମ କରିଥିଲେ । ତେବେ ଉକ୍ତ ଛାତ୍ରଙ୍କ ଉପସ୍ଥିତ ବୁଦ୍ଧି ଯୋଗୁଁ ଅଳ୍ପକେ ବର୍ତି ଯାଇଥିଲେ । ଏହି ସମସ୍ତ ଘଟଣାକୁ ନେଇ ଧର୍ମଶାଳା ଥାନାରେ ଅଭିଯୋଗ ହୋଇଥିବା ବେଳେ ପୁଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି । ହେଲେ ଦୁର୍ବୃତଙ୍କ ଟେର ପାଇବାରେ ପୁଲିସ ଅସମର୍ଥ ହୋଇଥିବା ବେଳେ ଏହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ଏହି ଅପହରଣ ଉଦ୍ୟମରେ କେଉଁମାନେ ସଂଶ୍ଳିଷ୍ଟ ସେମାନଙ୍କୁ ପୁଲିସ ଠାବ କରି ଗିରଫ କରିବାକୁ ଦାବି ହୋଇଛି ।

## ଠାକୁର ଅନୁକୂଳ ଚ଼ନ୍ଦ୍ରଙ୍କ ଆଗମନ ଶତବାର୍ଷିକୀ ପ୍ରସ୍ତୁତି ବୈଠକ

ପୁରୀ,(ପି.ଏନ): ଠାକୁର ଅନୁକୂଳ ଚ଼ନ୍ଦ୍ର ଙ୍କ ପୁରୀ କୁ ଆଗମନର ୧୦୨ ବର୍ଷ ପୂର୍ତ୍ତି ପାଳନ ନିମିତ୍ତ ଏକ ପ୍ରସ୍ତୁତି ବୈଠକ ସର୍କିଟ ହାଉସ ଠାରେ ଆଜି ଅପରାହ୍ନ ରେ ଅନୁଷ୍ଠିତ ହୋଇଥିଲା । ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ପ୍ରଦୀପ କୁମାର ସାହୁ ଏଥିରେ ଅଧ୍ୟକ୍ଷତା କରି ଆସନ୍ତା ଜାନୁୟାରୀ ୧୪ ତାରିଖରେ ଏହି ଆଗମନ ଦିବସ କୁ ପାଳନ କରିବାକୁ ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚ଼ନ୍ଦ୍ର ଉତ୍ସବ କମିଟି ପ୍ରଶାସନ କୁ ଅନୁରୋଧ କରିଛନ୍ତି ।ତେଣୁ ଏହାକୁ ଶୃଙ୍ଖଳା ର ସହ ପରିଚ଼ାଳନା ପାଇଁ ବିଭିନ୍ନ ବିଭାଗ ସହଯୋଗ କରିବାକୁ ସେ ପରାମର୍ଶ ଦେଇଥିଲେ ।ଏହି କାର୍ଯ୍ୟକ୍ରମ ତାଳବଣିଆ ଠାରେ ଆୟୋଜିତ ହେବ। ତେଣୁ ଆଇନ



ଶୃଙ୍ଖଳା ବ୍ୟବସ୍ଥା, ପରିମଳ ବ୍ୟବସ୍ଥା, ସ୍ୱାସ୍ଥ୍ୟ ବ୍ୟବସ୍ଥା, ବିଦ୍ୟୁତ ବ୍ୟବସ୍ଥା, ପାନୀୟ ଜଳ ବ୍ୟବସ୍ଥା,ଗାଡି ପାର୍କିଂ ଓ ଟ୍ରାଫିକ ବ୍ୟବସ୍ଥା, ଅଗ୍ନି ନିର୍ବାପକ ବ୍ୟବସ୍ଥାକୁ ସୁନିୟନ୍ତିତ କରିବାକୁ ସେ ପରାମର୍ଶ ଦେଇଥିଲେ ।କ୍ଷେତ୍ର ପରିଦର୍ଶନ କରି ଆବଶ୍ୟକୀୟ ବ୍ୟବସ୍ଥା କରିବାକୁ ବିଭିନ୍ନ ଅଧିକାରୀ ମାନଙ୍କୁ ସେ ନିର୍ଦ୍ଦେଶ ଦେଇଥିଲେ ।ପ୍ରାରମ୍ଭରେ ଉତ୍ସବ କମିଟି ର ସମ୍ପାଦକ ଡମ୍ବରୁଧର ଦାସ ସମସ୍ତ ଙ୍କୁ ସ୍ୱାଗତ କରି କାର୍ଯ୍ୟକ୍ରମ ସମ୍ପର୍କରେ ସୂଚ଼ନା ଦେଇଥିଲେ । ଏହି ବୈଠକରେ ପୁରୀ ଅତିରିକ୍ତ ପୌରନିର୍ବାହୀ ଅଧିକାରୀ ମନୋଜ କୁମାର ବେହେରା,ଡେପୁଟି କଲେକ୍ଟର ମନୋଜ କୁମାର ପ୍ରଧାନ,,ଜିଲ୍ଲା କ୍ରିଡା ଅଧିକାରୀ ଚ଼ନ୍ଦନ ସାହୁ, ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ କୁମାର ବେହେରା ଓ ଅନ୍ୟାନ୍ୟ ଅଧିକାରୀ ମାନେ ଯୋଗ ଦେଇ ଆଲୋଚ଼ନା ରେ ଅଶଂଗ୍ରହଣ କରିଥିଲେ ।କମିଟିର ଉପ ସଭାପତି ଡ଼ଃ ହୃଷିକେଶ ସେନାପତି, ସହ ସମ୍ପାଦକ ନିରଞ୍ଜନ ବେହେରା, ଡଃ ନନ୍ଦ କିଶୋର ପ୍ରଧାନ, ସ୍ୱାଇଁ ଶ୍ରୀ ନୃସିଂହ ଶ୍ରୀଚ଼ନ୍ଦନ ଓ ଅନ୍ୟାନ୍ୟ ସଦସ୍ୟ ଯୋଗ ଦେଇ ବିଭିନ୍ନ ସୂଚ଼ନା ପ୍ରଦାନ କରିଥିଲେ ।

## ଡ. ଆଶୁତୋଷ ମହାନ୍ତି ପାଇଲେ ମହୋଦଧି ସମ୍ମାନ

ପୁରୀ,(ପି.ଏନ): ପୁରୀ ଜିଲ୍ଲା ସ୍ୱେଚ୍ଛସେବୀ ସଂଗଠନ ସାମୁଖ୍ୟ ଦି ବେଲ୍ ତରଫରୁପାଳିତ ହୋଇଛି ମହୋଦଧି ଦିବସ ।ମହୋଦଧି ତଥା ଉପକୂଳବର୍ତ୍ତୀ ଅଞ୍ଚଳ ଗୁଡିକରେ ସ୍ୱେଛତା ଓ ସାମୁଦ୍ରିକ ଜୀବମାନଙ୍କ ସୁରକ୍ଷା ପାଇଁ ସଚେତନତା ଉଦ୍ଦେଶ୍ୟରେ ପ୍ରତ୍ୟେକ ବର୍ଷ ଡିସେମ୍ବର ୧୨ ତାରିଖ କୁ ମହୋଦଧି ଦିବସ ରୂପେ ପାଳନ କରାଯାଏ । ଏହି ଅବସରରେ ପୁରୀ ନୀଳାଦ୍ରି ବିଚ୍ ଠାରେ ବିଚ୍ ୱାକ୍,କବିତା ଆସର , ଲାଇଭ ଆର୍ଟ ପ୍ରଦର୍ଶନୀ ,ବିଚ୍ ଫୋଟୋଗ୍ରାଫି ,ଲାଇଫ ଗାର୍ଡ ବିଚ୍ ସ୍ପୋର୍ଟସ ଇତ୍ୟାଦି ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଓଡ଼ିଶାରେ ପ୍ରଥମ ଥର ପାଇଁ ଲାଇଫ ଗାର୍ଡ ବିଚ୍ ସପୋର୍ଟସ୍ ଅନୁଷ୍ଠିତ ହେଉଥିବାରୁ ଏହି ଦୁଃସାହସିକ କ୍ରୀଡା କୌଶଳ ଦେଖିବା ପାଇଁ ଦେଶୀ ଓ ବିଦେଶୀ ପର୍ଯ୍ୟଟଙ୍କ ଭିଡ ପରିଲକ୍ଷିତ ହୋଇଥିଲା । ସନ୍ଧ୍ୟାରେ କିନର ମହାସଂଘ,ମତ୍ସ୍ୟଜୀବୀ,ଭିନ୍ନକ୍ଷମ ଓ ବିଭିନ୍ନ ବସ୍ତି ଅଂଚ଼ଳ ରୁ ଆସିଥିବା ଛୋଟ ଛୋଟ ପିଲାମାନଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ସେହିପରି ସାମୁଦ୍ରିକ ଯିବ ଓ ଗ୍ଲୋବାଲ ୱର୍ମିଂ ପାଇଁ କାର୍ଯ୍ୟ କରୁଥିବା ଶ୍ରୀ ଶ୍ରୀ




ଇଉନିଭର୍ସସିଟି ର ପ୍ରଫେସର ଡ. ଆଶୁତୋଷ ମହାନ୍ତିଙ୍କୁ 'ମହୋଦଧି ସମାନ' ରେ ସମ୍ମାନିତ କରାଯାଇଥିଲା ।କାର୍ଯ୍ୟକ୍ରମର ବିଭିନ୍ନ ପର୍ଯ୍ୟାୟ ରେ ଅତିଥି ଭାବରେ ଅତିରିକ୍ତ ଜିଲ୍ଲା ପାଳ ପ୍ରଶାସନ ପ୍ରଦୀପ କୁମାର୍ ସାହୁ,ଅତିରିକ୍ତ ଜିଲ୍ଲା ପାଳ ରାଜସ୍ୱ କୈଳାଶ ଚ଼ନ୍ଦ୍ର ନାୟକ,ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ଶରତ ଚ଼ନ୍ଦ୍ର ମହାପାତ୍ର ।ଉପଜିଲ୍ଲାପାଳ ଭବତାରଣ ସାହୁ,ଜିଲ୍ଲା କ୍ରୀଡା ଅଧିକାରୀ ଚ଼ନ୍ଦନ ସାହୁ, ଲୋକୋ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ,ପୁରୀ ଷ୍ଟେଟବ୍ୟାଙ୍କ ମୁଖ୍ୟ ଶାଖା ମୁଖ୍ୟ ପରିଚ଼ାଳନା ପ୍ରବନ୍ଧକ ବିଜୟ କୁମାର ଶତପଥୀ ସମାଜ କର୍ମୀ ସୁଚ଼ିସ୍ମିତା ଜଗଦେବ, ଯୁଗବ୍ରତ କର, ଶ୍ରୀମତୀ ବିନୋଦିନ ଦାସ ,ରାଜ ଲକ୍ଷ୍ମୀ ଦାସ ଶ୍ରୀମନ୍ଦିରର ସେବାୟତ ଗୌରୀ ଶଙ୍କର ସିଂହାରୀ ପ୍ରଭୃତି ଯୋଗ ଦେଇ ଅନୁଷ୍ଠାନ କାର୍ଯ୍ୟକ୍ରମକୁ ପ୍ରଶଂସା କରିବା ସହିତ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା କୃତି ପ୍ରିଯୋଗି ମାନଙ୍କୁ ପୁରସ୍କାର ବିତରଣ କରିଥିଲେ ।ଦି ବେଲ୍ ଅଧ୍ୟକ୍ଷ ସିଦ୍ଧାର୍ଥ ରାୟଙ୍କ ଅଧକ୍ଷତାରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବା ବେଳେ ,କାର୍ଯ୍ୟକ୍ରମକୁ ଅନୁଷ୍ଠାନ ବରିଷ୍ଠ ସଦସ୍ୟ ସୁକାନ୍ତ ପଣ୍ଡା,ସଞ୍ଜୟ ପ୍ରଧାନ,ବ୍ରଜକିଶୋର ସାହୁ,ବନିତା ଦୀକ୍ଷିତ,ରାଜ କିଶୋର ପାତ୍ର,ରତିକାନ୍ତ ପ୍ରତିହାରୀ ଓ ଦି ବେଲ୍ ଓମେନସ କ୍ଲବ ଓ ଦି ବେଲ୍ ଯୁଥ୍ କ୍ଲବ୍ ସଦସ୍ୟ ସଦସ୍ୟା ମାନେ କାର୍ଯ୍ୟକ୍ରମକୁ ପରିଚ଼ାଳନା କରିଥିଲେ ।

ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)

NURSERY (3+)

LKG, UKG, STD-I TO V

25% reservation as per RTE Act (2009)



FIND THE DIFFERENCE

- Surveillance through CCTV Camera
- Small Classes
- Congenial Environment
- Intimate, Safe & Secured Place
- Experienced & loving teachers
- Individual attention to each child
- Spacious Playground
- AC Activity Room
- Transport Facilities

TUITION CLASSES for Std I to Std V

Timing: 5 PM to 6.30 PM

MAHARISHI PUBLIC SCHOOL

N4-F/24, IRC Village, Nayapalli, Bhubaneswar, Phone: 0674-2558884,2550786

E-mail: maharishipublic13@gmail.com

25% Seats reserved in Std. 1 under RTE Act

Printed & Puböished by Budhadev Mohapatra on behaöf of Hiranmayee Media Pvt. Ötd. & Printed at Mayur Offset Printers, Pöot No. D-1/1, Mancheswar Industriaö Estate, Bhubaneswar-751010 & Puböished at N-4, F/24, IRC Viööage, Nayapaööi, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-maiö :editorpbkc@gmaiö.com, paryabekhyak@gmaiö.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ

EDITOR : Dr. Pabitra Mohan Samantaray